୬ ଆଇସିସି ଦିନିକିଆ ମାନ୍ୟତା : ଶୀର୍ଷରେ ରୋହିତ, ଦ୍ୱିତୀୟ ସ୍ଥାନକୁ ଉଠିଲେ କୋହଲି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୩୧୩ ● ୧୧ ଡିସେମ୍ବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-313 ● 11th December 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ମହାନଦୀ ଜଳ ବିବାଦ : ରାଜ୍ୟ ସରକାର ଗଠନ କଲେ ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର, ୧୦।୧୨
ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ବର୍ଷ ଧରି ଲାଗିରହିଥିବା ମହାନଦୀ ଜଳବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି।

ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗଦ୍ୱାରା ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲ୍ ସମ୍ମୁଖରେ ଚାଲୁରହିଥିବା ବିଚାର ଆଲୋଚନା ଓ ପ୍ରକ୍ରିୟାଗୁଡିକୁ ଦୃଷ୍ଟିରେ ରଖି ଏବଂ ମହାନଦୀ ଜଳ ବିଷୟର ଜଟିଳତା ଓ ଭାବପ୍ରବଣତାର ଗୁରୁତ୍ୱକୁ ମନେକରି ରାଜ୍ୟ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି କମିଟି ଗଠନ କରାଯାଇଛି।



ଏହି କମିଟିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପମନ୍ତ୍ରୀ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, ବିଜେଡ଼ିର ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ପ୍ରମୁଖ ସଦସ୍ୟ ରହିଛନ୍ତି।

ଏହି କମିଟି ମହାନଦୀ ଜଳ ବିବାଦ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକ ସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ।

ଅନ୍ୟପକ୍ଷରେ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ, ମହାନଦୀ ଜଳବିବାଦକୁ ନେଇ ଟ୍ରିବ୍ୟୁନାଲକୁ ଯିବା ଭୁଲ ନିଷ୍ପତ୍ତି ଥିଲା। ଏହାର ରାଜନୈତିକ ସମାଧାନ ଆବଶ୍ୟକ। କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ସମାଧାନ ପାଇଁ ଡାକିଥିଲେ, ସମାଧାନ କଲେନି।ସେତେବେଳେ ରାଜନୈତିକ ସମାଧାନ ନକରି କାହିଁକି ଟ୍ରିବ୍ୟୁନାଲ ଗଲେ ଜଣାନାହିଁ। ଟ୍ରିବ୍ୟୁନାଲକୁ ଯିବା ଦ୍ୱାରା ପ୍ରକ୍ରିୟା ବିଳମ୍ବ ହେଲା। ମୁଖ୍ୟମନ୍ତ୍ରୀ ଯେଉଁ କମିଟି ଗଠନ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ଆମେ ଏହି ସମସ୍ୟାର ସମାଧାନ ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବୁ । ଛତିଶଗଡ଼ ଯେମିତି ବ୍ୟାରେଜ କଲା, ଓଡ଼ିଶା ସରକାର ସେମିତି କରିବାର ଥିଲା। ହୀରାକୁଦ ବନ୍ଧର ତଳମୁଣ୍ଡରେ ଆହୁରି ବ୍ୟାରେଜ ନିର୍ମାଣ କରିବା କଥା। ରାଜନୈତିକ ସମାଧାନ ହୋଇଗଲେ ମହାନଦୀ ଜଳ ବିବାଦ ତୁଟିବ ବୋଲି କହିଛନ୍ତି ଜୟନାରାୟଣ ମିଶ୍ର।

# ୟୁନେସ୍କୋ ତାଲିକାରେ ଦୀପାବଳି

ନୂଆଦିଲ୍ଲୀ, ୧୦।୧୨

ଭାରତର ସର୍ବବୃହତ ସାଂସ୍କୃତିକ ଉତ୍ସବ, ଦୀପାବଳିକୁ ୟୁନେସ୍କୋରେ ସାମିଲ କରାଯାଇଛି। ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ପାଇଲା ଆଲୋକର ପର୍ବ ଦୀପାବଳି। ବର୍ତ୍ତମାନ ଦିଲ୍ଲୀର ଲାଲକିଲ୍ଲାରେ ୟୁନେସ୍କୋର ଆନ୍ତଃସରକାରୀ କମିଟିର ୨୦ତମ ଅଧିବେଶନ ଅନୁଷ୍ଠିତ ହେଉଛି। ଆଜି ସେଠାରୁ ଏହି ଘୋଷଣା ହୋଇଛି। ଏହା ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହା ପ୍ରଥମ ଥର ପାଇଁ ଦେଶ ୟୁନେସ୍କୋ ବୈଠକ ଆୟୋଜନ କରିଛି। ଭାରତର ଏକ ସାଂସ୍କୃତିକ ପ୍ରତୀକ ଦୀପାବଳି ଏବେ ୟୁନେସ୍କୋର ଅଂଶ ହୋଇଯାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରି ନିଜର ଖୁସି ପ୍ରକାଶ କରିଛନ୍ତି। ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି,ଦୀପାବଳି ଆମ ସଂସ୍କୃତି ଏବଂ ନୀତି ସହିତ ଘନିଷ୍ଠ ଭାବରେ ଜଡିତ। ଏହା ଆମ ସଭ୍ୟତାର ଆତ୍ମା। ଏହା ଜ୍ଞାନ ଏବଂ ଧର୍ମର ପ୍ରତୀକ। ୟୁନେସ୍କୋର ଅମୂଲ୍ୟ ଐତିହ୍ୟ ତାଲିକାର *(ପୃଷ୍ଠା ୭ରେ)*

# ରାଷ୍ଟ୍ରପତି ଦେଲେ ସନ୍ଦେଶ: ସୁରୁଖୁରୁରେ ଚାଲିଲା ବିଧାନସଭା

■ ବିବେକାନନ୍ଦ ଜେନା

ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବା, ସେମାନଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନ ପୂରଣ କରିବା ଦିଗରେ ଜନ ପ୍ରତିନିଧିଙ୍କ କର୍ତ୍ତବ୍ୟ କିପରି ହେବା ଦରକାର, ସେ ନେଇ ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣରୁ ମିଳିଥିବା ସନ୍ଦେଶ ବେଶ୍ ପ୍ରାସଙ୍ଗିକ ଓ ପ୍ରଣୀଧାନଯୋଗ୍ୟ। ନଭେମ୍ବର ୨୭ ତାରିଖ ଅପରାହ୍ନ ୪ଟାରେ ଓଡ଼ିଶା ବିଧାନସଭା ଗୃହରେ ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ପ୍ରଥମଥର ପାଇଁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସଦସ୍ୟମାନଙ୍କୁ ସମ୍ବୋଧନ କରି ଇତିହାସ ସୃଷ୍ଟି କଲେ। ରାଷ୍ଟ୍ରପତିଙ୍କ ଏହି ସମ୍ବୋଧନ ଓ ସନ୍ଦେଶ ଶୁଣି ଗୃହର ସଦସ୍ୟମାନେ କେବଳ ଯେ ବିମୋହିତ



ହୋଇଥିଲେ ତାହା ନୁହେଁ, ସେମାନେ ଭାବପ୍ରବଣ ହେବା ସହ ବେଶ୍ ଉଦ୍‌ବୁଦ୍ଧ ମଧ୍ୟ ହୋଇଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣର ପରବର୍ତ୍ତୀ ଦିବସଗୁଡ଼ିକରେ ଗୃହରେ ସ୍ୱାଭାବିକ ବାତାବରଣ ରହିବା ସାଙ୍ଗକୁ ସୁରୁଖୁରୁରେ ଗୃହ କାର୍ଯ୍ୟ ପରିଚାଳିତ ହୋଇଥିଲା। ବିଧାନସଭାର ପୂର୍ବ ଅଧିବେଶନ ମାନଙ୍କରେ ବିରୋଧୀ ଦଳ ପକ୍ଷରୁ ଯେଭଳି ଗୃହରେ ସ୍ଲୋଗାନବାଜି, ହଟ୍ଟଗୋଳ ଜନିତ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ ଏବଂ ଯେଉଁଥିପାଇଁ ଗୃହକୁ ବାରମ୍ବାର ମୁଲତବୀ ରଖାଯାଇଥାଏ, ତାହା ଏଥରର ଶୀତ ଅଧିବେଶନ କାଳରେ ଦେଖିବାକୁ ମିଳିନଥିଲା। ଏହାର ଏକମାତ୍ର କାରଣ ଥିଲା ରାଷ୍ଟ୍ରପତିଙ୍କ ଅଭିଭାଷଣର ସନ୍ଦେଶ। ଯାହାର ପ୍ରତିଫଳନ ଏଥର ଗୃହରେ ସ୍ପଷ୍ଟ ପ୍ରତୀୟମାନ ହୋଇଥିଲା।

'ଆଚରଣ ଓ ଉଚ୍ଚାରଣରେ ସଂଯମତା ରହୁ, ଏହା ହିଁ ମୂଲ୍ୟବାନ'। ଲୋକମାନଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନ ପୂରଣ କରିବା ଜନପ୍ରତିନିଧିଙ୍କ କର୍ତ୍ତବ୍ୟ। ବର୍ତ୍ତମାନର ନୂଆ ଟେକ୍ନୋଲୋଜିର ସମୟରେ ଜନପ୍ରତିନିଧିମାନେ ଗୃହରେ ଓ ଗୃହ ବାହାରେ କଣ କରୁଛନ୍ତି ଓ କିପରି କହୁଛନ୍ତି, ତାହା ସମସ୍ତେ ଜାଣିପାରୁଛନ୍ତି। ନେତାମାନେ ଯାହା କରିବେ, ଜନତା ତାହାକୁ ଅନୁସରଣ କରିବେ। ତେଣୁ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୩୧ (+୮୭)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୪୫ (+୮୦)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୭୩ (+୬୫)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୭ (+୮)

# ଭୁବନେଶ୍ୱର ସମେତ ୫ ସହରରେ ଟାଉନ୍ ପ୍ଲାନିଂ

ଭୁବନେଶ୍ୱର, ୧୦।୧୨
ନ୍ୟୁଜ୍ ବ୍ୟୁରୋ

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଧ୍ୟକ୍ଷ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର ବିଜିପୁର, ପାଇକରାପୁର ଏବଂ ସହଜପୁରରେ ସହର ପରିକଳ୍ପନା ଯୋଜନା (ଟିପି ସ୍କିମ) ନମ୍ବର ୧, ୨ ଏବଂ ୩ ପରିଦର୍ଶନ କରିଛନ୍ତି। ସେ ଆଗାମୀ ନୂତନ ସହର (ନିଉ ସିଟି) ପ୍ରକଳ୍ପର ସ୍ଥାନ ମଧ୍ୟ ପରିଦର୍ଶନ କରିବା ସହ ଉଭୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି।

ତାଙ୍କ ଗସ୍ତ ସମୟରେ, ଡ଼ା ମହାପାତ୍ର ଗ୍ରେଟର ଭୁବନେଶ୍ୱରକୁ ବିକଶିତ କରିବାର ବ୍ୟାପକ ଦୃଷ୍ଟିକୋଣର ଅଂଶ ଭାବରେ ରାଜଧାନୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଟିପି ଯୋଜନାଗୁଡ଼ିକୁ ବିସ୍ତାର କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେ କହିଥିଲେ ଯେ *(ପୃଷ୍ଠା ୭ରେ)*







# ଦେବୋତ୍ତର ବିଭାଗ ଜବର ଦଖଲ କାରୀଙ୍କ ପ୍ରତି ନୀରବ କାହିଁକି ?



**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ସଦର ମହକୁମା ତଥା କେନ୍ଦୁଝର ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଦେବୋତ୍ତର ବିଭାଗର ବିଭିନ୍ନ କିସମର ସରକାରୀ ଜାଗାକୁ ଜାଗା ନିକଟରେ ରହୁଥିବା ଲୋକମାନେ ଉକ୍ତ ସରକାରୀ ଜାଗାକୁ ନିଜ ଜାଗା ସହିତ ମିଶାଇ ସେ ଜାଗାରେ ବାସ ଗୃହ, ଦୋ-କାନ ଗୃହ, କେହି କେହି କର୍କଟ ଟିଣରେ ବଡ ବଡ ଦୋକାନ ଗୃହ ମାନ ନିର୍ମାଣ କରି ବ୍ୟବସାୟ କରୁଥିବା ବେଳେ ଦେବୋତ୍ତର ବିଭାଗ ଜବର ଦଖଲ କାରୀଙ୍କୁ ଦେଖି ନଦେଖିଲା ପରି ରହୁଥିବାର ଦେଖିବାକୁ ମିଳୁଛି । ଏପରିକି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗା, କଭରଯୁକ୍ତ ଡ୍ରେନ ଗୁଡିକୁ ମଧ କଭର କରି ବ୍ୟବସାୟ ଅନୁଷ୍ଠାନ ଖୋଲି ଚାଲିଛନ୍ତି । ଏଥିପ୍ରତି ନା ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁଛି ନା ଦେବୋତ୍ତର ବିଭାଗର ଦୃଷ୍ଟି ପଡୁଛି । ଯାହାକି କାଶୀପୁର, ଜଗନ୍ନାଥ ପୁର ବଡଡେରା, କୁଲାଡେରା ପ୍ରଭୃତି ମୌଜାରେ ଥିବା ସରକାରୀ, ଦେବୋତ୍ତର ଜାଗା ଗୁଡିକୁ ଦେଖିଲେ ଦେବୋତ୍ତର ବିଭାଗ ତଥା ଜିଲ୍ଲା ପ୍ରଶାସନ ସରକାରୀ ଜାଗା ଗୁଡିକର ସୁରକ୍ଷା ଉପରେ କେତେ ସଚେତନ ତାହା ସ୍ପଷ୍ଟ ପ୍ରମାଣ ମିଳିବ । ତେଣୁ ଏଥି ପ୍ରତି ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ଦୃଢ ଦାବି ହୋଇଛି ।

## ୨୦୨୫ରେ ହାଇକୋର୍ଟଙ୍କ ରୋକ୍‌ଠୋକ୍ ରାୟ

# ଜବରଦଖଲକାରୀଙ୍କୁ ଦୟା ନାହିଁ, 'ଠିକା' ବ୍ୟବସ୍ଥା ବନ୍ଦ ହେଉ

**କଟକ, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ଓଡ଼ିଶା ହାଇକୋର୍ଟଙ୍କ ପାଇଁ ଥିଲା ଘଟଣାବହୁଳ । ଜବରଦଖଲ ସମସ୍ୟା, ଅବସରପ୍ରାପ୍ତ ଶିକ୍ଷକ ଓ ଠିକା ବ୍ୟବସ୍ଥାକୁ ନେଇ ରୋକ୍ ଠୋକ୍ ରାୟ ଶୁଣାଇଥିଲେ କୋର୍ଟ । କଡ଼ା ଭାଷାରେ ସମାଲୋଚନା କରିବା ସହ ବଡ଼ ରାୟ ଦେଇଥିଲେ ହାଇକୋର୍ଟ । ଜବରଦଖଲ ସମସ୍ୟା ରାଜ୍ୟରେ ଦିନକୁ ଦିନ ବଢ଼ିଚାଲିଛି । ଜବରଦଖଲକାରୀ ଏବେ ଉଦ୍‌ବେଗର କାରଣ ହୋଇଛନ୍ତି । ଏମାନଙ୍କ ପାଇଁ କେବଳ ରାଜ୍ୟ ନୁହେଁ ଦେଶର ଅଗ୍ରଗତିରେ ବାଧା ସୃଷ୍ଟି ହେଉଛି । କୌଣସି ପରିସ୍ଥିତିରେ ଜବରଦଖଲକାରୀଙ୍କ ପ୍ରତି ଦୟା ଦେଖାଇବାର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ଏକ ଜବରଦଖଲ ସମସ୍ୟା ସଂକ୍ରାନ୍ତ ମାମଲାର ଶୁଣାଣି ଅବସରରେ ମତ ଦେଇଛନ୍ତି । କେବଳ ସେହି ମାମଲା ନୁହେଁ ସର୍ବସାଧାରଣ ବା ସରକାରଙ୍କ ସଂପତ୍ତି ସୁରକ୍ଷା ପାଇଁ ହାଇକୋର୍ଟ ଚଳିତ ବର୍ଷ ଅନେକ ରାୟ କିମ୍ବା ନିର୍ଦ୍ଦେଶନାମା ଦେଇଛନ୍ତି । ଅନ୍ୟ ଏକ ମାମଲାରେ ହାଇକୋର୍ଟ କହିଛନ୍ତି ସର୍ବସାଧାରଣଙ୍କ ଜମି ଏକ ବୃହତ୍ତର ଗୋଷ୍ଠୀଙ୍କ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଥାଏ । ଏହିଭଳି ଜମିକୁ କେବେହେଲେ ବ୍ୟକ୍ତିଗତ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ସର୍ବସାଧାରଣଙ୍କ ପାଇଁ ସଂରକ୍ଷିତ ଥିବା କୌଣସି ଗୋଚର, ରକ୍ଷିତ, ସର୍ବସାଧାରଣ ଜମି କୌଣସି ଜମି ବ୍ୟକ୍ତିଙ୍କ ନାମରେ କରାଯାଇ ପାରିବନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଶିକ୍ଷକଶିକ୍ଷୟିତ୍ରୀ ପଦ ଖାଲିପଡ଼ିଥିବା ନେଇ ହାଇକୋର୍ଟ ଏ ସଂପର୍କିତ ଏକ ମାମଲାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅଦାଲତ କହିଛନ୍ତି ଯେ, ରାଜ୍ୟରେ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ୭୨ହଜାର ଶିକ୍ଷକ ଏବଂ ଅଧ୍ୟାପକ ପଦ ଖାଲିପଡ଼ିଛି । ଏହାଛଡ଼ା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୫ହଜାର ପଦ ଖାଲିପଡ଼ିଛି । ଏହିସବୁ ଖାଲି ପଦବି ପୂରଣ ପାଇଁ ବର୍ଷବର୍ଷ ଧରି ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଅପରପକ୍ଷରେ ଅତିଥି ଶିକ୍ଷକ ଓ ଅନେକ ସ୍ଥାନରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନେଇ ଶିକ୍ଷାନୁଷ୍ଠାନ ଚାଲୁଥିଲାବେଳେ ହାଇକୋର୍ଟ ଏନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକଙ୍କୁ ନେଇ ଶିକ୍ଷାନୁଷ୍ଠାନ ଚାଲିପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ ମତ ଦେଇଛନ୍ତି । ରାଜ୍ୟର ଗ୍ରୁପ୍ ଡି' ଏବଂ ଗ୍ରୁପ୍ ସି' ପଦରେ ସରକାର ଆଉଟ୍‌ସୋର୍ସିଂ ହେଉ ଅବା ଠିକାରେ କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି । ସୁପ୍ରିମ୍‌କୋର୍ଟ 'ଉମାଦେବୀ' ବନାମ କର୍ଣ୍ଣାଟକ ସରକାର ମାମଲାରେ ଦେଇଥିବା ରାୟ ଆଳରେ ରାଜ୍ୟ ସରକାର ଠିକା କର୍ମଚାରୀଙ୍କ ଚାକିରି ନିୟମିତ ଦାବିକୁ ସଫଳତାର ସହ ଏଡ଼ାଇ ଦେଇପାରୁଛନ୍ତି ବୋଲି ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ । ୩୫ବର୍ଷ ଠିକାରେ ଚାକିରି କରିଥିବା ଜଣେ କର୍ମଚାରୀଙ୍କୁ ରେଗୁଲାର କରିବାକୁ ନିର୍ଦ୍ଦେଶ ପ୍ରଦାନ ଅବସରରେ ହାଇକୋର୍ଟ ରାଜ୍ୟରେ ଠିକା ବ୍ୟବସ୍ଥା ବନ୍ଦ ହେବା ଉଚିତ ବୋଲି ସ୍ପଷ୍ଟ ମତ ରଖିଥିଲେ ।



# ଦନ୍ତା ହାତୀର ଆକ୍ରମଣରେ ଚାଲିଗଲା ବୃଦ୍ଧଙ୍କ ଜୀବନ

**ଲଇକେରା, ନ୍ୟୁଜ ବ୍ୟୁରୋ**

ବାଗଡିହି ଫରେଷ୍ଟ ରେଞ୍ଜ ପିତାମାଲ ଜଙ୍ଗଲରେ ଦନ୍ତା ହାତୀର ଆକ୍ରମଣରେ ବୃଦ୍ଧ ମୃତ । ସୂଚନା ଅନୁସାରେ ଗତକାଲି ଅପରାହ୍ନରେ ପିତାମାଲ୍ ଗ୍ରାମର ହିରାଲାଲ ବୁଡ଼ା (୬୦) ଘରୁ ଏକ ଟାଙ୍ଗିଆ ଧରି ବାହାରି ଯାଇଥିଲେ । ସନ୍ଧ୍ୟା ବେଳକୁ ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମର ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥଲେ, କିନ୍ତୁ ହିରାଲାଲକୁ ପାଇ ନ ଥିଲେ । ଆଜି ସକାଳୁ ହିରାଲାଲ୍ ଜଙ୍ଗଲ ଭିତରକୁ ଯାଇଥିବା ସନ୍ଦେହ କରି ପିତାମାଲ୍ ଜଙ୍ଗଲକୁ ପରିବାର ଲୋକେ ଖୋଜିବା ପାଇଁ ଯାଇଥିଲେ । ଜଙ୍ଗଲ ଭିତରେ ଦନ୍ତା ହାତୀ ହିରାଲାଲକୁ ମାଡ଼ି ଦଳି ମାରିଦେଇଥିବା ଦେଖିବାକୁ ପାଇଥିଲେ ।

# ଚାଷୀମାନଙ୍କ ଠାରୁ ସୁବିଧାରେ ଧାନ ବିକ୍ରୟ ପାଇଁ ସମବାୟ ବିଭାଗର ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ପରାମର୍ଶ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ସିଲାଟି ଗ୍ରାମପଞ୍ଚାୟତର ସିଲାଟି ପ୍ରାଥମିକ ସେବା ସମବାୟ ସମିତି ଠାରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଦ୍ୱାରା ଜିଲ୍ଲା ସ୍ତରୀୟ ଧାନମଣ୍ଡିର ଶୁଭ ଉଦଘାଟନ ଓ ୨୦୨୫ ବର୍ଷର ଖରିଫ ଋତୁ ଧାନକ୍ରୟ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି । ଏହି ଧାନ ମଣ୍ଡି ଉଦଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ବେସାମାରିକ ଯୋଗାଣ ଅଧିକାରୀ ନିରୋଦ କୁମାର ଦାସ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସିଲାଟି ପ୍ରାଥମିକ ସେବା ସମିତିର ସଭାପତିବାବଲୁ ବିଶି ଓ ସମ୍ପାଦକ, ବଳରାମ ପଣ୍ଡା, ଉପ ନିବନ୍ଧକ, ସମବାୟ ସେବା ସମିତି ସହକାରୀ ନିବନ୍ଧକ, ସେବା ସମବାୟ ସମିତି ଉଭୟ ବେସାମାରିକ ଯୋଗାଣ ବିଭାଗ ଓ ସମବାୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କ ସମେତ ସିଲାଟି ଗ୍ରାମପଞ୍ଚାୟତ ଓ ବିନିକା ପଞ୍ଚାୟତ ସମିତି ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ । ପ୍ରଥମେ ଜିଲ୍ଲାପାଳଙ୍କ ଦ୍ୱାରା ମଣ୍ଡି ପ୍ରାଗଣରେ ପୂଜାର୍ଚ୍ଚନା ପରେ ଉଦଘାଟନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଚାଷୀମାନଙ୍କୁ ମଣ୍ଡିରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କ ଠାରୁ ଯେପରି ସହଜରେ ଓ ସୁବିଧାରେ ଧାନ ବିକ୍ରୟ କରାଯାଇପାରିବ ସେଥି ପାଇଁ ଉଭୟ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

# ବିଜେପିର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଉପସ୍ଥିତରେ କେନ୍ଦ୍ରାପଡ଼ା ବିଧାନସଭା ବିଧାୟିକା ପାର୍ଥିନି ଗୀତାଞ୍ଜଳି ସେଠୀ, ଜିଲ୍ଲା ସଭାପତି ଶଶାଙ୍କ ସେଠୀ ଓ ମଣ୍ଡଳ ସଭାପତି ଜଗନ୍ନାଥ ପଣ୍ଡାଙ୍କ ବଳିଷ୍ଠ ନେତୃତ୍ୱ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ କାର୍ଯ୍ୟ ଶୈଳୀରେ ଅନୁପ୍ରାଣିତ ହେଇ ଭାରତ ବର୍ଷକୁ ଏକ ନମ୍ବର ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ସହଭାଗିତା ଉଦ୍ଦେଶ୍ୟ ନେଇ ଅନ୍ୟ ଦଳ ଛାଡ଼ି ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରେ ଶତ୍ରୁଘ୍ନ ମଲ୍ଲିକ ସରପଞ୍ଚ ଡିହାପଡା, ରଜତ ପରିଡ଼ା ୱାର୍ଡ ମେମ୍ବର, ପୁନାନନ୍ଦ ପ୍ରଧାନ ୱାର୍ଡ ମେମ୍ବର ପାଣ୍ଡୁରି, ରଶ୍ମୀ ରଞ୍ଜନ ବାରିକ ଘନଶ୍ୟାମ ସେଠୀ, ପଞ୍ଚାନନ ବାରିକ, ଶ୍ରୀଧର ମହାପାତ୍ର ପ୍ରମୁଖଙ୍କ ଯୋଗ ଦେଇଛନ୍ତି ।



## ବେଦାନ୍ତ ପକ୍ଷରୁ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ଡିଏଭି ଇଣ୍ଟରନ୍ୟାସନାଲ ସ୍କୁଲର ସଫଳତାକୁ ସ୍ୱୀକୃତି

# ୨୦୨୪-୨୫ରେ ଡିଏଭି ବେଦାନ୍ତର ୨୨ ଜଣ ଛାତ୍ରଛାତ୍ରୀ ସମ୍ମାନିତ ହେଲେ

**ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଶିକ୍ଷା ଏବଂ ଯୁବ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ପ୍ରଦାନ କରିଛି । ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ ୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ଲାଞ୍ଜିଗଡ଼ର ଗୋଷ୍ଠି ଉନ୍ନୟନ ଅଧିକାରୀ (ବିଡିଓ) ଅନିମେଶ ପ୍ରଧାନ (ଆଇଏଏସ୍) ଯୋଗ ଦେଇଥିଲେ ।

ଛାତ୍ରବୃତ୍ତି ପଦକ୍ଷେପ ଭାବେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦% ରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରତ୍ୟେକଙ୍କୁ ୮୦୦୦ ଟଙ୍କା ସହିତ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଶିକ୍ଷା ହେଉଛି ଏକ ପ୍ରଗତିଶୀଳ ସମାଜ ପାଇଁ ସବୁଠାରୁ ଶକ୍ତିଶାଳୀ ମୂଳଦୁଆ । ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ । ଏହି ଛାତ୍ରଛାତ୍ରୀମାନେ କଳାହାଣ୍ଡି କ୍ଷେତ୍ରର ଭବିଷ୍ୟତକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଯାତ୍ରାର ଅଂଶବିଶେଷ ହୋଇଥିବାରୁ ଆମେ ଗର୍ବିତ ।

ଲାଞ୍ଜିଗଡ଼ ବିଡିଓ ଅନିମେଶ ପ୍ରଧାନ ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏହାକୁ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ସେ କହିଥିଲେ, ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବା ଲାଗି ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶିକ୍ଷାକୁ ସମର୍ଥନ କରିବାରେ ବେଦାନ୍ତ ଲାଞ୍ଜିଗଡ଼ର ନିରନ୍ତର ପ୍ରୟାସ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣୁଛି । ମୁଁ ସମସ୍ତ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଉଛି । ବେଦାନ୍ତ ଛାତ୍ରବୃତ୍ତି ପଦକ୍ଷେପ ବେଦାନ୍ତ ଲାଞ୍ଜିଗଡ଼ର ବ୍ୟାପକ ସାମାଜିକ ବିକାଶ ପ୍ରୟାସର ଏକ ଅଂଶ, ଯାହାର ଉଦ୍ଦେଶ୍ୟ ହେଉଛି ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା ଏବଂ ଏହି ଅଞ୍ଚଳରେ ବିକାଶ ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା । ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସ୍ଥାପିତ ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ ହେଉଛି ଏହି ଅଞ୍ଚଳର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଯାହା ଶିକ୍ଷାଦାନର ଶୂନ୍ୟସ୍ଥାନ ପୂରଣ କରିବା ଏବଂ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଆକାଂକ୍ଷାକୁ ଜାଗ୍ରତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଅତ୍ୟାଧୁନିକ ଭିତ୍ତିଭୂମି, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ଏବଂ କମ୍ପ୍ୟୁଟର ପରୀକ୍ଷାଗାର ଏବଂ ଏକ ଶିକ୍ଷଣ ପରିବେଶ ସହିତ, ବିଦ୍ୟାଳୟ ଆଜି ପ୍ରାୟ ୧୪୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଛି ଯେଉଁଥିରେ ଅଧିକାଂଶ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର । ବର୍ଷ ବର୍ଷ ଧରି, ଏହା ଶିକ୍ଷାଗତ ପରିବର୍ତ୍ତନର ଏକ ଆଲୋକବର୍ତ୍ତିକା ପାଲଟିଯାଇଛି, ଯାହା ସାକ୍ଷରତା ସ୍ତରରେ ଉଲ୍ଲେଖନୀୟ ବୃଦ୍ଧିରେ ଯୋଗଦାନ ଦେଇଛି– ୨୦୦୧ ରେ ୩୮.୪% ରୁ ୨୦୧୧ ରେ ୫୯.୨୨%, ଏବଂ ଛାତ୍ରଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରେରଣା ଦେଇଛି ।




## ବଢୁଛି ଥଣ୍ଡା, ସଢୁଛନ୍ତି ଜନତା : ଶୀତର ପ୍ରକୋପରେ

# ସଂଧ୍ୟାରୁ ଶୂନ୍‌ଶାନ ରାସ୍ତାଘାଟ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଗତ କିଛିଦିନ ଧରି ସାରା ଓଡ଼ିଶାରେ ଯାଡ଼ ବୃଦ୍ଧି ଘଟୁଥିବା ବେଳେ ଅନୁରୂପ ଭାବେ ରମ୍ଭା ପାରପାର୍ଶ୍ୱିକ ଅଞ୍ଚଳରେ ଥରୁଛନ୍ତି ସାରା ଅଞ୍ଚଳ । ସଂନ୍ଧ୍ୟା ୪ଘଣ୍ଟା ଠାରୁ ବିଳମ୍ବିତ ସକାଳ ପର୍ଯ୍ୟନ୍ତ ଶୀତ ବସ୍ତ୍ର ଛାଡିବାକୁ ଇଚ୍ଛା ହେଉନି । ସଂନ୍ଧ୍ୟା ନଇଁ ଆସୁଥିବା ବେଳେ ଶୀତ କବଳକୁ ଆସିଯାଉଛି ସଂପୂର୍ଣ୍ଣ ଅଞ୍ଚଳ । କୋହଲିଆ ପବନ ବାଜିଲେ ଦେହ ଥରି ଉଠୁଛି । ଶୀତ ବସ୍ତ୍ର ନ ପିନ୍ଧିଲେ ପଦାକୁ ବାହାରି ହେଉନାହିଁ । ଚାହା ଦୋକାନରେ ଖଟି ବଢୁଛି । ରାତି ଯେତେ ବଢୁଛି, ଥଣ୍ଡା ସେତିକି ପରିମାଣରେ ଘନୀଭୂତ ହେଉଛି । ଆଗରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ, ରାଜପଥ ପାର୍ଶ୍ୱ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ଏବେ ସଂନ୍ଧ୍ୟା ୭ଘଣ୍ଟିକା ପରଠାରୁ ରାସ୍ତାଘାଟ ଖାଲି ଦିଶୁଛି । ଗୋଟିଏ ପଟେ ଥଣ୍ଡାକୁ ନେଇ ଶୀତ ବସ୍ତ୍ର ବିକ୍ରୟ ବର୍ଗର ବ୍ୟବସାୟଙ୍କ ମୁହଁରେ ହସ ଫୁଟୁଥୁବା ବେଳେ ଅନ୍ୟ ପଟେ ଶୀତ ବସ୍ତ୍ର ବ୍ୟବସାୟୀ ଥଣ୍ଡା ବଢ଼ିବାରୁ ସ୍ଥାୟୀ ଓ ଅସ୍ଥାୟୀ ଶୀତ ବସ୍ତ୍ର ପରଶି ବଜାରରେ ଗହଳି ବଢିବାକୁ ଲାଗିଲାଣି । ଜ୍ୟାକେଟ, ଫ୍ୟାଶନ ସ୍କେଟ, ଲେଦର ଜ୍ୟାକେଟ, ଟୋପି ଆଦିରେ ଭରପୁର ଚାହିଦା ରହିଛି । ତତ ସହିତ ଶୀତ ବସ୍ତ୍ର ବଜାର ଗୁଡିକରେ ଭିନ୍ନ ଭିନ୍ନ ଧରଣର ରଙ୍ଗ ବେରଙ୍ଗର କମ୍ବଳ ଦେଖିବାକୁ ମିଳୁଛି । ସେଥି ମଧ୍ୟରେ ଅଛି ଡ଼ଲଫିନ, କୋରିଆ ଗୋଲଡ, ଆଲସ୍କା ଡାଇମଣ୍ଡ ଓ ହରିଆନା କମ୍ବଳ । ପିଲା ମାନଙ୍କ ପାଇଁ ରହିଛି ବେବି ବ୍ଲାଙ୍କେଟ, ଯାହା ଅତ୍ୟନ୍ତ ଶିଶୁ ପାଇଁ କୋମଳ, ହାଲୁକା ତଥା ଶୀତରେ ବେଶ ଆରାମ ଦାୟକ ଦେଉଛି । ସେହିପରି ସାଲ ଭିତରେ ରହିଛି କାଶ୍ମୀର, ରାଜସ୍ତାନୀ, ଜୟପୁରୀ ଓ ଫ୍ୟାନସି ସାଲ ଏଗୁଡିକ ମିନିୟମ ୩୦୦ଟଙ୍କାରୁ ଆରମ୍ଭ ହୋଇ ବିକ୍ରୟ ହେଉଥିବା ବଜାରରେ ଲକ୍ଷ୍ୟ କରାଯାଇଛି ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com


ଉଦୟକାଳୀନ ଗ୍ରହଚକ୍ର





ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
ତା୧୧।୧୨।୨୦୨୫, ମାର୍ଗଶିର ଦି୨୬ନ, ଗୁରୁବାର
ସୂର୍ଯ୍ୟୋଦୟ- ଘ୬।୧୧।୧୩ ଚନ୍ଦ୍ରୋଦୟ- ରାଘ୧୧।୩୫।୧୨
ସପ୍ତମୀ- ଦିଘ୧।୫୭ପର୍ଯ୍ୟନ୍ତ । ପୂର୍ବାଫାଲଗୁନିନିନକ୍ଷତ୍ରରାଘ୩।୫୬ପର୍ଯ୍ୟନ୍ତ । ସିଂହଚନ୍ଦ୍ର- ଅହୋରାତ୍ର ଚନ୍ଦ୍ରଶୁଦ୍ଧି- ବୃଷ, ମିଥୁନ, ସିଂହ,କନ୍ୟା, ତୁଳା,ବିଛା,କୁମ୍ଭ ଓ ମୀନ ରାଶିର । ଘାତ ଚନ୍ଦ୍ର- କର୍କଟ ଓ ମକର ରାଶୀର । ଶ୍ରାଦ୍ଧନିର୍ଣ୍ଣୟ- ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧ ଖାଦ୍ୟ-ତାଳ ଦିଘ୧।୫୭ପରେ ନଡିଆ ଖାଇବା ମନା । ଆଜିର ଶୁଭବେଳା- ପ୍ରାଘ ୬।୧୫ ଗତେ ଘ ୭।୪୬ ମଧ୍ୟେ । ଦିଘ ୧।୨୮ ଗତେ ଘ ୨।୫୪ ମଧ୍ୟେ ।




**ମେଷ:** କର୍ମକ୍ଷେତ୍ରରେ ବିରୋଧ ଦେଖାଦେବ । ଶତ୍ରୁ ବୃଦ୍ଧି ପାଇବେ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ରହିବେ । ଆୟ ଓ ବ୍ୟୟ ସମାନ ରହିବ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବେ । ମନ ଭଲ ରହିବ ।




**ବୃଷ:** ପାରିବାରିକ କଳହ ଯୋଗ ଦେଖାଦେବ । ଧନ ଲାଭର ସୂଚନା । ସାମାଜିକ ସ୍ତରରେ ସମ୍ମାନିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ସମସ୍ୟା ଦେଖାଦେଇପାରେ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ ।



**ମିଥୁନ:** ଉଚ୍ଚ ଆଶା ଆପଣଙ୍କର ସଫଳ ହେବ । ରୋଗରୁ ଉପଶମ ହୋଇପାରେ । ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ମହିଳାମାନେ ସୁଖୀ ହେବେ । ଗୃହେ ଅଶାନ୍ତି ଦେଖାଦେଇପାରେ । ମନ ଭଲ ରହିବ ।




**କର୍କଟ:** ପାରିବାରିକ ଅସନ୍ତୋଷ ଦେଖାଦେବ । ଧନ ଲାଭର ସୂଚନା । ସାମାଜିକ ସ୍ତରରେ ସମ୍ମାନିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ସମସ୍ୟା ଦେଖାଦେଇପାରେ । ଦୁଶ୍ଚିନ୍ତା ବଢିବାର ସୂଚନା ।




**ସିଂହ:** କର୍ମକ୍ଷେତ୍ରରେ ସୁଖ ସମ୍ମାନ ଲାଭ ହେବ । ଆଜି ଦିନଟା ଆପଣଙ୍କ ପାଇଁ ଭଲ । ଧନ ଲାଭର ସୌଭାଗ୍ୟ ଜୁଟିବ । ମହିଳାମାନେ ସୁଖୀ ହେବେ । ଶତ୍ରୁ ନାଶ ହେବାର ସୂଚନା । ଗୃହେ ଶାନ୍ତି ଲାଭ । ଦେହ ଭଲ ରହିବ ।




**କନ୍ୟା:** ଆଜି ଆପଣଙ୍କର ବ୍ୟୟ ଯୋଗ ରହୁଛି । ଦିନ ଶୁଭଦାୟକ ହେବ । ସାମାଜିକ ପ୍ରତିଷ୍ଠା ବଢିବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପାରିବାରିକ ଜୀବନ ସୁଖ ମୟ ହେବ । ଦିନଟି ଆପଣଙ୍କ ପାଇଁ ଶୁଭଦାୟକ ।




**ତୁଳା:** ଚାକିରୀ କ୍ଷେତ୍ରରେ ଅସହଯୋଗ ଦେଖାଦେବ । ଏଣୁ ଚିଡଚିଡା ହୋଇପାରନ୍ତି । ଆୟରେ ସ୍ଥିରତା ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପ୍ରତିକ୍ଷିତ ଖବରଟି ଆପଣଙ୍କୁ ପ୍ରାପ୍ତ ହେବ । ମହିଳାମାନେ ସୁକୀ ହେବେ ।




**ବିଛା:** ଉତ୍ସାହ ସହକାରେ ସମସ୍ତ କାର୍ଯ୍ୟ କରିଚାଲିବେ । ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ । ଆର୍ଥିକ ପରିସ୍ଥିତି ଦୃଢ ରହିବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ପିଲାମାନେ ପାଠପଢାରେ ମନ ଦେବେ । ଗୃହେ ଆନନ୍ଦ ।



**ଧନୁ:** ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ରୋଜଗାର ଭଲ ହେବ । ମାଲିମକଦ୍ଦମାରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।



**ମକର:** ବିବାଦୀୟ କ୍ଷେତ୍ରଠାରୁ ଦୂରେଇ ରହିବା ଭଲ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ବ୍ୟବସାୟରେ କ୍ଷତି ଘଟିବା ସମସ୍ତ ଆଡକୁ ନଜର ରଖି କାର୍ଯ୍ୟ କରିବେ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।



**କୁମ୍ଭ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ପାରିବାରିକ ଜୀବନରେ ବ୍ୟସ୍ତ ରହିବେ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଦେହ ଓ ମନ ଭଲ ରହିବ । ବନ୍ଧୁ ସହ ଭେଟ ହୋଇପାରେ ।



**ମୀନ:** ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି ଉପକୃତ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ । ଲୋକପ୍ରିୟତା ବଢିବା

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୨।୧୨।୨୦୨୫, ମାର୍ଗଶିର ଦି୨୭ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ୬।୧୧।୪୯ ଚନ୍ଦ୍ରୋଦୟ-ରାଘ୧୨।୨୬।୦୮**
**ଅଷ୍ଟମୀ-** ଦିଘ୨।୫୭ପର୍ଯ୍ୟନ୍ତ । **ଉତ୍ତରାଫାଲଗୁନିନକ୍ଷତ୍ର-** ନିଘ ୫।୫୦ ପର୍ଯ୍ୟନ୍ତ **ସିଂହଚନ୍ଦ୍ର-ଦିଘ୧୦।୨୧ପର୍ଯ୍ୟନ୍ତା ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର ଦିଘ୧୦।୨୧ମେଷ,ମିଥୁନ,କର୍କଟ,କନ୍ୟା,ତୁଳା,ବିଛା,ଧନୁ ଓ ମୀନ ରାଶୀର । **ଘାତ ଚନ୍ଦ୍ର-**କର୍କଟ ଓ ମକର ରାଶୀର ଦିଘ୧୦।୨୧ଗତେ ବୃଷ ରାଶୀର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡିଆ ଦିଘ୨।୫୭ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୩ ଗତେ ଘ ୮।୫୮ ମଧ୍ୟେ । ଦିଘ ୧୨।୦୨ ଗତେ ଘ ୨।୫୬ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା


# ଭୂମିକମ୍ପ ସତର୍କତା

ଜାପାନରେ କିଛିଦିନ ତଳେ ସାନ୍‌ରିକୁ ଉପକୂଳରେ ହୋଇଥିବା ୭.୬ ତୀବ୍ରତାର ଭୂକମ୍ପ ପୁଣି ଥରେ ଦୁନିଆକୁ ଏକ ଚେତାବନୀ ଦେଇଛି। ବିପର୍ଯ୍ୟୟ ପାଇଁ ସବୁଠୁ ବେଶି ପ୍ରସ୍ତୁତ ଥିବା ଜାପାନ ଭଳି ଦେଶରେ ମଧ୍ୟ ଭୂକମ୍ପ କିପରି ସୁନାମି, ଭୂସ୍ଖଳନ, ଅଗ୍ନିକାଣ୍ଡ ଓ ଜଳବନ୍ଦୀ ଭଳି ଅନେକ ବିପଦର ଶୃଙ୍ଖଳା ସୃଷ୍ଟି କରେ, ତାହା ଦେଖିବାକୁ ମିଳିଛି। ଭୂକମ୍ପର ଝଟକା ଟୋକିଓ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା ଏବଂ ପାଖାପାଖି ଏକ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ଘନ ଜନବସତିପୂର୍ଣ୍ଣ ସହରଗୁଡ଼ିକ ପାଇଁ ଏକ ଆହ୍ୱାନ। ଭାରତର ୫୯ ପ୍ରତିଶତରୁ ଅଧିକ ଅଞ୍ଚଳ ଭୂକମ୍ପପ୍ରବଣ । ଆମର ସବୁଠୁ ବଡ଼ ଚିନ୍ତା ହେଉଛି ଘନ ଜନବସତିପୂର୍ଣ୍ଣ ସହରଗୁଡ଼ିକ। ବିଶେଷ କରି ହିମାଳୟ ଏବଂ ଗୁଜୁରାଟର କଚ୍ଛ ଅଞ୍ଚଳ ସର୍ବାଧିକ ବିପଦପୂର୍ଣ୍ଣ ଭୂକମ୍ପ 'ଜୋନ୍'ରେ ରହିଛି, ଯେଉଁଠାରେ ବଡ଼ ଧରଣର ଭୂକମ୍ପ ହେବାର ସମ୍ଭାବନା ଅଧିକ। ଏହା ବ୍ୟତୀତ, ରାଜଧାନୀ ଦିଲ୍ଲୀ ସମେତ ପାଟନା, ଶ୍ରୀନଗର, ମୁମ୍ବାଇ, କଲକାତା, ଚେନ୍ନାଇ ଭଳି ପ୍ରମୁଖ ସହରଗୁଡ଼ିକ ମଧ୍ୟ ବିପଦରେ ଅଛନ୍ତି।

ଦିଲ୍ଲୀରେ ୨୦୦୦ ମସିହା ପୂର୍ବରୁ ନିର୍ମିତ ୮୦ ପ୍ରତିଶତରୁ ଅଧିକ କୋଠା ଭୂକମ୍ପ ନିରୋଧୀ ନିୟମ ଅନୁସାରେ ତିଆରି ହୋଇନାହିଁ। ପ୍ରାୟ ୩.୩ କୋଟି ଜନସଂଖ୍ୟା ଏବଂ ୫, ୦୦୦ରୁ ଅଧିକ ଉଚ୍ଚ ଅଟ୍ଟାଳିକା ଥିବା ଦିଲ୍ଲୀରେ ୭.୫ ମାତ୍ରାର ଭୂକମ୍ପ ଆସିଲେ ବିପର୍ଯ୍ୟୟର କଳ୍ପନା କରାଯାଇ ନପାରେ। ଯଦି ଭାରତରେ ଏକ ବଡ଼ ଧରଣର ଭୂକମ୍ପ ହୁଏ, ତେବେ କେବଳ କୋଠା ଭାଙ୍ଗିବ ନାହିଁ, ଏହା ମୁମ୍ବଇ କିମ୍ବା ଚେନ୍ନାଇରେ ବନ୍ୟା ପରିସ୍ଥିତି ସୃଷ୍ଟି କରିପାରେ, କାରଣ ଏହି ସହରଗୁଡ଼ିକରେ ଜଳ ନିଷ୍କାସନ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ। ସେହିପରି କଲକାତାର ପୁରୁଣା ବଜାରମାନଙ୍କରେ ଭୟଙ୍କର ଅଗ୍ନିକାଣ୍ଡର ଆଶଙ୍କା ମଧ୍ୟ ରହିଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଭାରତରେ ଭୂକମ୍ପ ପର୍ଯ୍ୟବେକ୍ଷଣ କେନ୍ଦ୍ରଗୁଡ଼ିକର ସଂଖ୍ୟା ବୃଦ୍ଧି କରିଛି ଏବଂ ସତର୍କତା ପାଇଁ ଆପ୍ ମଧ୍ୟ ଆରମ୍ଭ କରିଛି। କିନ୍ତୁ କ୍ଷେତ୍ରୀୟ ସ୍ତରରେ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ମନ୍ଥର। ଉଦାହରଣସ୍ୱରୂପ, ଦିଲ୍ଲୀରେ ଅନୁମତିପ୍ରାପ୍ତ ଅଞ୍ଚଳରେ ଥିବା କୋଠାଗୁଡ଼ିକୁ ଭୂକମ୍ପ ନିରୋଧୀ କରିବା ଯୋଜନା ଏଯାଏଁ ସଫଳ ହୋଇନି। ଡାକ୍ତରଖାନା ଏବଂ ବଡ଼ ବଡ଼ ଉଚ୍ଚ ଅଟ୍ଟାଳିକା ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ନିୟମିତ ଯାଞ୍ଚ ହେଉନାହିଁ। ଜାପାନ ଭଳି ଆମ ଦେଶର ପ୍ରମୁଖ ସହରଗୁଡ଼ିକରେ ତୁରନ୍ତ ଭୂକମ୍ପ ସତର୍କତା ବ୍ୟବସ୍ଥାର ଅଭାବ ଏକ ବଡ଼ ଦୁର୍ବଳତା, ଯାହା ଲୋକଙ୍କୁ ପ୍ରସ୍ତୁତ ହେବା ପାଇଁ ସମୟ ଦେଇପାରୁ ନାହିଁ। ଏହା ବ୍ୟତୀତ, ଗୁଆହାଟୀ ଭଳି ସହର ଯେଉଁଠାରେ ବନ୍ୟା ଓ ଭୂକମ୍ପର ଏକକାଳୀନ ବିପଦ ରହିଛି, ସେଗୁଡ଼ିକ ଅସୁରକ୍ଷିତ।

ଭାରତର ୧୪୦ କୋଟି ଲୋକଙ୍କ ଜୀବନ ବାଜିରେ ଲାଗିଛି। 'ପ୍ରଥମେ ସମସ୍ତ ସହରରେ ଛୋଟ ଛୋଟ ଅଞ୍ଚଳ ଭିତ୍ତିରେ ଭୂକମ୍ପ ବିପଦର ସବିଶେଷ ଯାଞ୍ଚ ଅନୁସାରେ କୋଠା ନିର୍ମାଣ ନିୟମକୁ କଠୋର ଭାବେ ଲାଗୁ କରିବା ଉଚିତ। ସହରୀ ଯୋଜନାରେ ଭୂକମ୍ପ ବିପର୍ଯ୍ୟୟ ବିପଦ ସୂଚକାଙ୍କକୁ ଅନ୍ତର୍ଭୁକ୍ତ କରାଯାଉ। ପ୍ରତ୍ୟେକ ୱାର୍ଡ଼ ସ୍ତରରେ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ କରି ଅଭ୍ୟାସ ଓ ତାଲିମକୁ ବାଧ୍ୟତାମୂଳକ କରାଯାଉ। ସର୍ବଶେଷରେ, କେବଳ କଥାରେ ନୁହେଁ, ବାସ୍ତବ କାର୍ଯ୍ୟକାରିତାରେ ହିଁ ଆମେ ଆମର ସହରଗୁଡ଼ିକୁ ସୁରକ୍ଷିତ କରିପାରିବା।

# ଏକଲା ଏକଲା ଏକ୍ : ଦୁସ୍‌ରା ଦୁନିଆ ଦେଖ୍



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଯଦି ନିଷ୍ପତ୍ତି ନେଇ ମଣିଷ ଜନ୍ମ ପାଇ ଏ ସଂସାରରେ କିଛି ଅସାଧ ସାଧନ କରିଯିବି - ଯେତେ କଷ୍ଟ ପଡୁ, ଯେତେ ଦୁଃଖ ଆସୁ, ଯେତେ ବିରୋଧ ହଉ, ଏପରିକି ଅକାଳରେ ମୃତ୍ୟୁ ମଧ୍ୟ ହେଇଯାଉ, ମରିବା ପର୍ଯ୍ୟନ୍ତ ଲକ୍ଷ୍ୟପଥରୁ ବିଚ୍ୟୁତ ହେବିନାହିଁ - ଯଦି କେହି ମତେ ସମର୍ଥନ, ସହଯୋଗ ନ ଦିଅନ୍ତି, ଏକଲା ଚଲାବାଟୋଇଟେ ପରି ଏକା ଏକା ଚାଲିବି ନିଶ୍ଚୟ, ତା'ହେଲେ ତୁମର ସେହି ନିଛାଟିଆ ନିଆରା ଚଲାବାଟରେ ତମରି ଭଳି ଭେଟିପାରିବ ଆଉ କେଇଜଣଙ୍କୁ ବି। 'ଆମେ କେତେଜଣ ଜୀବନକୁ ପାଣି ଛଡେଇ ନଦେଲେ ଚଳିବ କି? ମୁକ୍ତିସଂଗ୍ରାମର ମହାନ୍‌କବି ବାଞ୍ଛାନିଧି ମହାନ୍ତିଙ୍କର ଏହି ସ୍ଫୁଲିଙ୍ଗବର୍ଷୀ ପଦ ମନେପଡେ – ଯେଉଁ ପଦରେ କି ବରାବର ବିପ୍ଳବର ବନ୍ଧୁର ପଥରେ ମାତ୍ର ଅଳ୍ପ କେତେଜଣ ଅଙ୍ଗୀକାରବଦ୍ଧ ହୋଇ ଏକାଏକା ଚାଲୁଚାଲୁ ଅବଶେଷରେ ମିଶିଯାଇ ସମଧର୍ମୀ ଗୋଟିଏ ବିରଳ ବାହିନୀକୁ ଏ ଦୁନିଆର ପଥଯାତ୍ରା ମଧ୍ୟରେ ଚିହ୍ନଟ କରାଇଦେଇଥାଆନ୍ତି। ସେମାନଙ୍କୁ ପ୍ରଥମେ ଟାହିଟାପରା କରୁଥିବା ସମକାଳର ସମାଜକୁ, ଇତିହାସର ପରିହାସରେ ଅପଦସ୍ତ କରାଇଦେଇ ଶେଷକୁ ମୁଣ୍ଡରେ ମୁଣ୍ଡେଇ ଆଉ କାନ୍ଧରେ କାନ୍ଧେଇ ଗର୍ବଗୌରବର ଗାଥା ଗାଇଥାଏ ଭାବୀକାଳର ସମାଜ - ଅର୍ଥାତ୍ ଉତ୍ତରପିଢ଼ି। ଏହି ଦୃଷ୍ଟିରୁ ଏକଲା ଏକଲା ଯେତେବେଳେ ହୋଇଯିବେ ଏକ୍, ଇତିହାସ ସେତେବେଳେ ସମସ୍ତଙ୍କୁ ଡାକି ଦିନେ କହିଦେବ : ଦୁସ୍‌ରା ଦୁନିଆ ଦେଖ୍ ! ବିଶ୍ୱକବି ରବୀନ୍ଦ୍ରନାଥ କହିଥିଲେ : ଯଦି କୋଇ ସାଥ୍ ନଆସେ, ତବେ ଏକଲା ଚଲୋ... ଏକଲା ଚଲୋ... ଏକଲା ଚଲୋ...। ମହାନ୍ ବିପ୍ଳବୀ କବି କାଜି ନଜରୁଲ ଇସଲାମ୍ ଗାଇଛନ୍ତି - "ମହାବିଦ୍ରୋହୀ ରଣକ୍ଳାନ୍ତ / ମୁଁ ସେହି ଦିନ ହେବି ଶାନ୍ତ, ଯେବେ ନିଷ୍ପେଷିତର କ୍ରନ୍ଦନଧ୍ୱନି/ ଆକାଶେ ବତାସେ ଧ୍ୱନିବନି, ଯେବେ ଅତ୍ୟାଚାରୀର ଖଡ୍‌ଗ କୃପାଣ / ଭୀମରଣଭୂମେ ରଣିବନି।"

ଯେଉଁମାନେ ସମାଜବ୍ୟବସ୍ଥା, ପରିସ୍ଥିତି, ପରିବେଶକୁ ବଦଳାଇବାକୁ ଚାହାଁନ୍ତି, ସେମାନେ ସଂଖ୍ୟାରେ ଶହ ଶହ, ହଜାର ହଜାର, ଲକ୍ଷ ଲକ୍ଷ, କୋଟି କୋଟି ନୁହଁନ୍ତି। ଅଳ୍ପ ଲୋକ, ଏପରିକି ଜଣେ ଜଣେ ମହାମାନବ ଏ ସମାଜକୁ ବଦଳାଇବାର ନଜିର ରହିଛି। ଉଦାହରଣ ଦେଲେ ବହୁ ମହମନୀଷୀଙ୍କ ଉଦାହରଣ ଦିଆଯାଇପାରେ, କିନ୍ତୁ ଏଠାରେ ଜଣେ ଜଣେ ସାଧାରଣ ଲୋକ କିଭଳି ଅସାଧ ସାଧନ କରିଛନ୍ତି, ତାହା ହିଁ ଆମର ପ୍ରଣିଧାନର ବିଷୟ - ଯାହା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ।

ପର୍ବତ ମଣିଷ ଦଶରଥ ମାନ୍‌ଝୀଙ୍କ କଥା ଊଣା-ଅଧିକେ ଜାଣନ୍ତି; ଯିଏ ଗୋଟିଏ ହାତୁଡି ଓ ନିହାଣ ଦ୍ୱାରା ବିଶାଳ ପର୍ବତ ଦେହକୁ ଖୋଳି ତିରିଶ ଫୁଟ୍ ଚଉଡା ଏବଂ ୩୬୦ ଫୁଟ୍ ଲମ୍ବର ରାସ୍ତା ତିଆରି କରିଥିଲେ। ତାଙ୍କ ଉଦ୍ୟମର ସଫଳତା ସ୍ୱରୂପ ବିହାରର ଦୁଇଟି ବ୍ଲକ୍ ଅତ୍ରି ଓ ୱାଜିରଗଞ୍ଜ ମଧ୍ୟରେ ଦୀର୍ଘ ପଞ୍ଚାବନ କିଲୋମିଟର୍ ଦୂରତାର ରାସ୍ତା ପନ୍ଦର କିଲୋମିଟରକୁ କମିଆସିଛି। ଏହି ସତ ମଣିଷଙ୍କ ଜୀବନକାହାଣୀକୁ ନେଇ ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ର ନିର୍ମିତ ହୋଇଛି ଏବଂ ସଂକଳ୍ପ-ସାଧନା-ଅଧ୍ୟବସାୟର ଏକ ଐତିହାସିକ ଚରିତ୍ର ପାଲଟିଛନ୍ତି 'ମାନ୍‌ଝୀ'।

ମାନ୍‌ଝୀଙ୍କ ଅନୁରୂପ ବ୍ୟକ୍ତିତ୍ୱର ନିଦର୍ଶନ ପାଲଟିଥିବା ଆଉଜଣେ ହେଲେ ଲଦାଖ୍‌ର ପଞ୍ଚସ୍ତରି ବର୍ଷ ବୟସ୍କ ସୁଲଟ୍ରିମ୍ ଚଣ୍ଡୋର। ନିଜସ୍ୱ ଶ୍ରମ ଓ ସମ୍ବଳ ବିନିଯୋଗରେ ସେ ଅଠତିରିଶ କିଲୋମିଟର୍ ଲମ୍ବର ରାସ୍ତା ତିଆରି କରିଛନ୍ତି। ଜମ୍ମୁ-କଶ୍ମୀର ଇଲାକାର ଶିଙ୍କୁଲା ଘାଟି ଅଞ୍ଚଳରେ ଥିବା ରାମକୋକ୍ ଠାରୁ କାର୍ଗ୍ୟାକ୍ ଗାଁ ପର୍ଯ୍ୟନ୍ତ ଏହି ରାସ୍ତା ଲମ୍ବିଛି। ଏ ବାବଦରେ ଖର୍ଚ୍ଚ କରିଛନ୍ତି ସତାବନ ଲକ୍ଷ ଟଙ୍କା। ଏତେ ବିପୁଳ ପରିମାଣର ଅର୍ଥଯୋଗାଡ ପାଇଁ ସେ ନିଜର ସମସ୍ତ ପୈତୃକ ସମ୍ପତ୍ତି ଅକାତରେ ବିକ୍ରି କରିଦେଇଛନ୍ତି ଏବଂ ଜୀବନକାଳ ମଧ୍ୟରେ ସଞ୍ଚିଥିବା ସବୁ ଅର୍ଥକୁ ରାସ୍ତା ତିଆରି କାମରେ ଲଗାଇଛନ୍ତି। ସମୁଦ୍ର ପତନଠାରୁ ପ୍ରାୟ ତିନି ହଜାର ପାଞ୍ଚ ଶହ ମିଟର୍ ଉଚ୍ଚତାରେ ଏହି ଅଞ୍ଚଳ ଅବସ୍ଥିତ। ସବୁଠାରୁ ବଡ଼ କଥାହେଉଛି, କାର୍ଗିଲ ସେକ୍ଟରରେ ପହଞ୍ଚିବା ଲାଗି ଏହି ରାସ୍ତାଟି ଏବେ ମନାଲି-ଲେହ ରାଜପଥର ଏକ ବିକଳ୍ପ ହୋଇପାରିବ ଏବଂ କମ୍ ସମୟରେ ପହଞ୍ଚିହେବ। ଲଦାଖ୍‌ର 'ମାନ୍‌ଝୀ' ଭାବେ ପରିଚିତ ଚଣ୍ଡୋର, ରାଜ୍ୟ ହସ୍ତଶିଳ୍ପ ବିଭାଗର ଜଣେ କର୍ମଚାରୀ ଥିଲେ। ମୁଖ୍ୟ ରାସ୍ତା ଠାରୁ ନିଜ ଅଞ୍ଚଳଟି ବିଚ୍ଛିନ୍ନ ଥିଲା। ବାରମ୍ବାର ନିବେଦନ ସତ୍ତ୍ୱେ ସୀମାରେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା କିଂବା ଅଧିକାରୀ କୌଣସି ପଦକ୍ଷେପ ନ ନେବାରୁ ନିଜେ ଅଣ୍ଟା ଭିଡିଥିଲେ। ଗୋଟିଏ ଜେସିବିମେସିନ୍ ଓ ପାଞ୍ଚଟି ଗଧ ସହିତ କାମ ଆରମ୍ଭ କରିଥିଲେ ୨୦୧୩ରେ। ଏହି ଦୀର୍ଘ ପଥର ନିର୍ମାଣ ପାଇଁ ତାଙ୍କୁ ତିନି ବର୍ଷ ସମୟ ଲାଗିଥିବା ଜଣାଯାଏ। ଚଣ୍ଡୋରଙ୍କ ସାଧୁ ଉଦ୍ୟମ ଓ ସଫଳତା ଏବେ ଦେଶବ୍ୟାପୀ ଚର୍ଚ୍ଚାରେ।

ଏଇ ଆମ ଓଡିଶାରେ କେନ୍ଦୁଝର ଜିଲ୍ଲା ଦୈତାରୀ ପର୍ବତ ପଛପଟ ତେଲକୋଇ ଅଞ୍ଚଳର ଦୈତାରୀ ନାୟକଙ୍କ ଜମିକୁ ଜଳ ଆସୁନଥିଲା। ପାହାଡରୁ ପାଣି ଗଡି ଜମି ନଷ୍ଟ କରୁଥିଲା। ଯେହେତୁ ଦୈତାରୀ ଅଞ୍ଚଳ ପାହାଡିଆ, ଜଳସେଚନର ସୁବିଧା ନଥିଲା। ସରକାରଙ୍କୁ ଯେତେ ଗୁହାରି କଲେ ବି କେହି ଶୁଣୁନଥିଲେ। ସେ ଜମି ପାଖ ଛୋଟଛୋଟ ପାହାଡ କାଟି ସମତଳ କରିଦେଲେ। ହିତର ହାଡରେ ରକ୍ତର ଶିଆର କାଟି ଫଳେଇଲ ସୁନାର ଫସଲ। ଏବେ ସେଇ ଦୈତାରୀ ନାୟକଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ଉପାଧି ପ୍ରଦାନ କରିଛନ୍ତି।

ଚୀନ୍ ଦେଶରେ ଏକ ପାହାଡିଆ ଅଞ୍ଚଳ। ପାହାଡତଳିରେ ଏକ ବିରାଟ ଗାଁ। ବର୍ଷା ଦିନେ ପାହାଡରୁ ପାଣି ଖସି ଗାଁର ଘରଦ୍ୱାର ନଷ୍ଟ କରିଦିଏ, ଫସଲ ମଧ୍ୟ ଧୋଇନିଏ। ଏ ଘଟଣା ପ୍ରତିବର୍ଷ ଘଟେ। ଏହାଛଡ଼ା ସେ ଅଞ୍ଚଳ ଲୋକ ବାହାରକୁ ଯାଇ ଘରଦ୍ୱାର ତୋଳି ରହିବେ, ଜମିବାଡି ଚାଷବାସ କରି ଫସଲ ଫଳାଇ ଜୀବନ ବଞ୍ଚାଇବେ, ଏଭଳି କିଛି ସୁବିଧା ନଥିଲା। ପ୍ରତିବର୍ଷ ଦୁଃଖକଷ୍ଟରେ ସେ ଗାଁର ଲୋକ ଜୀବନ ବିତାଉଥିଲେ। ଅତି ଉତ୍କଟ ଅଭାବ ଅନଟନ ହେତୁ ସେମାନେ ଭାଙ୍ଗିପଡୁଥିଲେ। ଗ୍ରାମବାସୀମାନେ ଏକାଠି ହୋଇ ଏଇ ବିପଦରୁ ରକ୍ଷା ପାଇବା ପାଇଁ ବହୁ ଚିନ୍ତାଭାବନା କରୁଥିଲେ, କିନ୍ତୁ କୌଣସି ଉପାୟ ବାହାରୁ ନଥିଲା। ବର୍ଷ ବର୍ଷ ଏଇଭଳି ଗଡି ଚାଲୁଥିଲା। ଥରେ ଗ୍ରାମବାସୀଙ୍କ ସଭାରେ ଜଣେ ବୁଢା ପ୍ରସ୍ତାବ ଦେଲା – ଚାଲ, ଆମେ ସମସ୍ତେ ଗାଁ ମୁଣ୍ଡ ଉପରେ ଥିବା ପାହାଡକୁ କାଟି ସମତଳ କରିଦେବା। ଘରଭଙ୍ଗାରୁ ବି ରକ୍ଷା ପାଇବା, ଫସଲ ବି ଆମଦାନି କରିପାରିବା।

ବୁଢାର ପ୍ରସ୍ତାବକୁ ଅସମ୍ଭବ କହି ସମସ୍ତେ ବାଏଁ ବାଏଁ ଉଡେଇଦେଲେ। ବୁଢା କିନ୍ତୁ ସେଦିନ ଘରେ ଆସି ତା ପରିବାରକୁ ବସାଇ କହିଲା – ତୁମେମାନେ ମତେ ସହଯୋଗ କର। ଗ୍ରାମବାସୀମାନେ ମୋ କଥାକୁ ହସରେ ଉଡାଇଦେଲେ। ଚାଲ ଆମେ ଆମ ଘର ପାଖ ପାହାଡଟାକୁ କାଟିବା ଆରମ୍ଭ କରିବା। ବୁଢା କଥାକୁ ମଧ୍ୟ ପରିବାର ଲୋକ ହସରେ ଉଡାଇଦେଲେ। ବୁଢା କିନ୍ତୁ ନଛୋଡବନ୍ଧା। ରାତିସାରା ଶୋଇପାରିଲାନାହିଁ। ମନେ ମନେ ଦୃଢ ନିଷ୍ପତ୍ତି ନେଲା ସୂର୍ଯ୍ୟୋଦୟରୁ ସେ ତା'ର ପଥରଭଙ୍ଗା ଅଭିଯାନ ଆରମ୍ଭ କରିବ। କଅଁଳ ସକାଳ, ବୁଢା ପାହାଡ କାଟିବା କାମ ଆରମ୍ଭ କରିଦେଲା। ଭୋରୁ ଭୋରୁ ଠକ୍‌ଠାକ୍ ଶବ୍ଦ ଶୁଣାଗଲା। ସେତେବେଳକୁ ଲୋକ ନିଦରୁ ଉଠିନଥାନ୍ତି। ବୁଢାର ପାହାଡକଟା ଠକ୍‌ଠକ୍ ଶବ୍ଦରେ ଉଠିଲେ। ବୁଢାର ଏମନ୍ତ କାର୍ଯ୍ୟ ଦେଖି ଲୋକ ହସିଲେ ଏବଂ କହିଲେ : ବୁଢାଟା ପାଗଳ, ବୋକାଟା। ଏକା ଏକା ଏହି ପାହାଡଟାକୁ କାଟୁଛି। ଦିନେ, ଦୁଇଦିନ ଏଭଳି ଚାଲିଲା ପରେ ବୁଢା ସହିତ ତା' ଝିଅବୋହୂମାନେ ଯୋଗ ଦେଲେ। ପୁଅମାନେ ପ୍ରଥମେ ପ୍ରଥମେ ହସୁଥାଆନ୍ତି ସିନା, ହେଲେ ନାତିନାତୁଣୀମାନେ ଯେତେବେଳେ ଯୋଗ ଦେଲେ, ବାଧ୍ୟ ହୋଇ ପୁଅମାନେ ମଧ୍ୟ ଯୋଗ ଦେଲେ। ଏମନ୍ତ ଦୃଶ୍ୟ ଦେଖି ଗାଁର ଲୋକମାନେ, ପାଠୁଆମାନେ, ନିଜକୁ ବିରାଟ ଭାବୁଥିବା ଲୋକମାନେ ହସିଲେ, ତାଚ୍ଛଲ୍ୟ କଲେ, ବୋକା ବୁଢା ବୋଲି କହି ନିନ୍ଦା କଲେ। ବୁଢା ନିନ୍ଦା, ଅପମାନକୁ ବେଖାତିର କରି ପାହାଡ କାଟି ଚାଲିଲା। ଧୀରେଧୀରେ ପାହାଡ କଟି କଟି ସମତଳ ହେବାରେ ଲାଗିଲା। ପ୍ରାୟ ବର୍ଷାଦିନ ପୂର୍ବରୁ ବୁଢାର ଘରଜମି ଆଗରେ ପାହାଡ କାଟି ସମତଳ ହେଇଗଲା। ଜମିକୁ ହିଡ ଦେଇ ପାହାଡରୁ ଗଡୁଥିବା ପାଣିକୁ କେନାଲୀକରଣ କରିଦେଲା ସେ। ଆସିଲା ବର୍ଷାଦିନ! ମୁଷଳଧାରାରେ ବର୍ଷା! ସେଇ ପ୍ରତିବର୍ଷ ଭଳି ପାହାଡରୁ ବର୍ଷାପାଣି ଗଡି ଅନ୍ୟମାନଙ୍କ ଘର, ଦ୍ୱାର, ଫସଲ ନଷ୍ଟ କରିବାରେ ଲାଗିଲା। କିନ୍ତୁ ବୁଢାର ଘର ସୁରକ୍ଷିତ, ଜମି ମଧ୍ୟ ସୁରକ୍ଷିତ। ବରଂ ପାହାଡରୁ ଝରୁଥିବା ପାଣି ଜମିରେ ମଡାଇଲା। ଏମନ୍ତ ଦୃଶ୍ୟ ଦେଖି ଗ୍ରାମବାସୀମାନଙ୍କ ମଗଜରେ ବୁଦ୍ଧି ପଶିଲା। ବୁଢା କଥା ଶହେକୁ ଶହେ ସତ। ଶେଷକୁ ବୁଢାର ନେତୃତ୍ୱରେ ଗ୍ରାମବାସୀମାନେ ପାହାଡ କାଟିବା ଆରମ୍ଭ କରିଦେଲେ। ବର୍ଷକ ଭିତରେ ପାହାଡ ସଫା, ସମତଳ ଭୂମି, ସବୁ ଘର ସୁରକ୍ଷିତ, ଫସଲ ସୁରକ୍ଷିତ, ବର୍ଷରେ ତିନି ଫସଲି, ଖାଦ୍ୟ ଭରପୂର, ଗ୍ରାମବାସୀଙ୍କ ମୁହଁରେ ହସ ଫୁଟି ଉଠିଲା। ଏ ଖବର ଚାଇନା ଦେଶର କୋଣ ଅନୁକୋଣରେ ଖେଳିଗଲା। ଏପରିକି ଦେଶବିଦେଶରେ ପହଞ୍ଚିଲା।

ତେଣୁ ଏକ୍‌ଲା ଏକ୍‌ଲା ଏକ୍ : ଦୁସ୍‌ରା ଦୁନିଆ ଦେଖ୍! ବୋକାବୁଢା ସମସ୍ତଙ୍କୁ ଏଇ ଦୁସ୍‌ରା ଦୁନିଆ ଅର୍ଥାତ୍ ନୂଆ ଦୁନିଆ ଦେଖେଇଦେଲା।

# ନବରତ୍ନ କମ୍ପାନୀ ନାଲକୋ ପ୍ରତିଷ୍ଠାର ଅନ୍ତରାଳେ...



ଅଶୋକ ରଥ
(ଭୂତପୂର୍ବ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନାଲକୋ ପ୍ରକଳ୍ପ)

ବିଜୁ ପଟ୍ଟନାୟକଙ୍କର ଦୃଢ ରାଜନୈତିକ ଇଚ୍ଛା ଶକ୍ତି ଏବଂ ବୈଷୟିକ ଚିନ୍ତାଧାରାର ଫଳପ୍ରସୂ ନାଲ୍‌କୋର ପ୍ରତିଷ୍ଠା । ନାଲକୋ ପ୍ରତିଷ୍ଠା ପରଠାରୁ ଭାରତ ସରକାରଙ୍କୁ ୧୪,୩୩୧କୋଟି ଟଙ୍କା ଡିଭିଡେଣ୍ଡ୍ ଆକାରରେ ପ୍ରଦାନ କରିସାରିଛି । ଏଠାରେ ଉଲ୍ଲେଖ କରିବା ଜରୁରୀ ଯେଉଁ ସମୟରେ ନାଲକୋ ପ୍ରତିଷ୍ଠା କରିବା ପାଇଁ ସ୍ଥିର କରାଗଲା ସେତେବେଳେ ସରକାର ଏଥିପାଇଁ ଅର୍ଥପ୍ରଦାନ କରିବାପାଇଁ ମନା କରିଦେଇଥିଲେ । କାରଣ ସେ ସମୟରେ ଭାରତ ସରକାରଙ୍କ ନୀତି ଅନୁଯାୟୀ ନୂଆ ସରକାରୀ କମ୍ପାନୀକୁ ପ୍ରୋତ୍ସାହିତ କରାଯାଉନଥିଲା । ବିଜୁପଟ୍ଟନାୟକ ଏ ପରିସ୍ଥିତିରେ ସରକାରୀ ସାହାଯ୍ୟ ନ ନେଇ ଆଲୁମିନିୟମ୍ ପ୍ରତିଷ୍ଠା କରିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ । ଓଡିଶାରେ ଥିବା ପ୍ରଚୁର ପରିମାଣର ବକ୍ସାଇଟ୍‌କୁ ଆଖିଆଗରେ ରଖି ତାର ଉପଯୋଗ କରିବା ଲାଗି ଚିନ୍ତା କରିଥିଲେ ।

ଏଥିରେ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ ତତ୍କାଳୀନ ବୈଷୟିକ ଜ୍ଞାନ ସମ୍ପର୍ଣ୍ଣ ସତ୍ୟବାଦୀ ଶତପଥୀ । ଉଭୟେ ମିଶି ସ୍ଥିର କଲେ ଯେ ୟୁରୋପର ପାଞ୍ଚଟି ବ୍ୟାଙ୍କରୁ ଋଣ ଆଣି କମ୍ପାନୀ ପ୍ରତିଷ୍ଠା କରିବେ । ୟୁରୋପର ଏହି ପାଞ୍ଚଟି ବ୍ୟାଙ୍କ ଅଧିକାରୀଙ୍କ ସହିତ ଦେଖା କରିଥିଲେ । ସେମାନଙ୍କୁ ସତ୍ୟବାଦୀ ଶତ୍‌ପଥୀ ବୁଝାଇପାରିଥିଲେ ଯେ କମ୍ପାନୀଟି ପାଚଂ ବର୍ଷ ମଧ୍ୟରେ ସମ୍ପୁର୍ଣ୍ଣ ଋଣ ଏବଂ ସୁଧ ନିଜସ୍ୱ ଆୟରୁ ପରିଶୋଧ କରିପାରିବ । ଏଥିଲାଗି ସମସ୍ତ ପ୍ରକାର କାଗଜପତ୍ର ଏବଂ ରାଜନୀତିକ ଦୃଷ୍ଟିରୁ ବିଜୁପଟ୍ଟନାୟକ ଭାରତ ସରକାରଙ୍କର ଗ୍ୟାରେଣ୍ଟି କରାଇଦେଇଥିଲେ । ଉପରୋକ୍ତ ପାଞ୍ଚଟି ବ୍ୟାଙ୍କ ଏଥିରେ ମାନିଯାଇଥିଲେ ଏବଂ ଋଣ ପ୍ରଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଯଦି ଋଣ ଠିକ୍ ସମୟରେ ପରିଶୋଧ କରାଯାଇନଥାନ୍ତା ତେବେ ନାଲକୋକୁ ଯଥେଷ୍ଟ ଅଧିକ ସୁଧ ଦେବାକୁ ପଡିଥାନ୍ତା ।

ନାଲକୋ ଏହିପରି ଭାବରେ ସରକାରୀ ସାହାଯ୍ୟ ଟଙ୍କାଟିଏ ମଧ୍ୟ ନପାଇ ଆରମ୍ଭ କରିଥିଲା । ଏହାଦେଖି ଆନ୍ଧ୍ରସରକାର ତାଙ୍କ ପ୍ରଦେଶରେ ଆଲୁମିନିୟମ କମ୍ପାନୀ କରିବା ପାଇଁ ଭାରତ ସରକାରଙ୍କୁ ଅନୁମତି ଓ ସାହାଯ୍ୟ ମାଗିଥିଲେ । ଏହା ଥିଲା ୧୯୭୭ମସିହାର ଘଟଣା । ଆର୍ଥିକ ସାହାଯ୍ୟ ଯୋଗାଡ ନ କରିପାରିବାରୁ ଆନ୍ଧ୍ରରେ ଏକ ଆଲୁମିନିୟମ କାରଖାନା ପ୍ରତିଷ୍ଠା ସମ୍ଭବ ହୋଇପାରିନଥିଲା । ଉପଯୁକ୍ତ ଯୋଜନା ପାଇଁ ନାଲକୋ ସମସ୍ତ ଋଣ ପରିଶୋଧର ଶେଷ ସୀମା ପୂର୍ବରୁ ଦେଇପାରିଥିଲା। ଆଜିର ପରିପ୍ରେକ୍ଷୀରେ ଏହି ଉଦାହରଣ ଅତ୍ୟନ୍ତ ଜରୁରୀ ଯେ ପଇସାଟିଏ ଖର୍ଚ୍ଚ ନକରି ମଧ୍ୟ ନାଲକୋ ପରି ଏକ ବିଶାଳ କାରଖାନା ପ୍ରତିଷ୍ଠା କରାଯାଇପାରେ ।

# ହେତୁବାଦ ବନାମ କେତୁବାଦ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଓଡ଼ିଶାରେ ଚନ୍ଦ୍ରଗହଣ ଓ ସୂର୍ଯ୍ୟପରାଗ ସମୟରେ ହେତୁବାଦୀ ଓ କେତୁବାଦୀ (ପରମ୍ପରାବାଦୀ)ଙ୍କ ମଧ୍ୟରେ ବିବାଦ ସମସ୍ତ ଗଣମାଧ୍ୟମରେ ପ୍ରମୁଖ ସ୍ଥାନ ଗ୍ରହଣ କରେ। ବେଳେବେଳେ ଏ ବିବାଦ ଝଗଡ଼ା, ଗାଳିଗୁଲଜ ଓ ମାଡ଼ଗୋଳ ପର୍ଯ୍ୟନ୍ତ ଯାଏ। ଥାନାରେ ଅଭିଯୋଗ ଓ ଗିରଫଦାରୀ ମଧ୍ୟ ହୁଏ। ବିତର୍କ ଦୂରଦର୍ଶନଠାରୁ ଆରମ୍ଭ କରି 'ଚା'ଖଟି ପର୍ଯ୍ୟନ୍ତ ପହଞ୍ଚେ। ଉଭୟ ଗୋଷ୍ଠୀ ନିଜ ବିଚାର ଓ ବିଶ୍ୱାସକୁ ଶ୍ରେଷ୍ଠ ଭାବନ୍ତି ଏବଂ ନିଜ ସିଦ୍ଧାନ୍ତ ଉପରେ ଅଟଳ ରହିବା ଯୋଗୁଁ ଏ ପରିସ୍ଥିତି ତିଆରି ହୁଏ। ସାଧାରଣ ଜନତାଙ୍କ ମଧ୍ୟରୁ ଅନେକ କିଛି ନବୁଝି ଝଗଡାକୁ ଡେଇଁ ପଡ଼ନ୍ତି। ହେତୁବାଦୀ ନିଜକୁ ବିଜ୍ଞାନବାଦୀ କହନ୍ତି। କେତୁବାଦୀଙ୍କୁ ପରମ୍ପରାବାଦୀ ବୋଲି କୁହାଯାଏ। କେତୁବାଦୀମାନେ ଧର୍ମଭିତ୍ତିକ ପରମ୍ପରା ଉପରେ ବିଶ୍ୱାସ ରଖନ୍ତି। ହେତୁବାଦୀମାନେ ବିଜ୍ଞାନ ଉପରେ ବିଶ୍ୱାସ ରଖନ୍ତି। ଧର୍ମଭିତ୍ତିକ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ସମୟ ଓ ପ୍ରଭାବ ନିର୍ଣ୍ଣୟ ହୁଏ। ଏହାକୁ ନେଇ ଧାର୍ମିକ ବଡ଼ପଣ୍ଡାମାନେ ନୀତିନିୟମ ନିର୍ଦ୍ଧାରଣ କରନ୍ତି। ଏହି ସମୟରେ ପାକ ନିଷିଦ୍ଧ। ଏହି ସମୟରେ ରୋଷେଇ କଲେ ଓ ଖାଇଲେ ଶରୀର ଉପରେ କୁପ୍ରଭାବ ପଡେ। ଏହା ଅଶୁଭ ସମୟ। ଏହି ସମୟରେ କୌଣସି ଶୁଭକାର୍ଯ୍ୟ କରିବା ଅନୁଚିତ ଇତ୍ୟାଦି। କିନ୍ତୁ ହେତୁବାଦୀଙ୍କ ଯୁକ୍ତି ଯେ ଏପରି ପ୍ରତିବନ୍ଧକ ଅନାବଶ୍ୟକ। ବିଜ୍ଞାନ ଦୃଷ୍ଟିରୁ ଏହି ସମୟରେ ରୋଷେଇ କଲେ, ଖାଇଲେ କିମ୍ବା କୌଣସି କାର୍ଯ୍ୟ ଆରମ୍ଭ କଲେ କିଛି ଫରକ ପଡ଼େ ନାହିଁ। ଏହା ବିଜ୍ଞାନ ଅନୁମୋଦିତ ନୁହେଁ। ଚିକିତ୍ସା ବିଜ୍ଞାନରେ ଏହି ସମୟରେ ଖାଇଲେ କିଛି ଅସୁବିଧା ହେବାର କୌଣସି ଉଲ୍ଲେଖ ନାହିଁ। ଏହି ସମୟରେ ପୃଥିବୀର ଅନ୍ୟ କୋଉ ଦେଶରେ ଖାଇବା, ରାନ୍ଧିବା, କାର୍ଯ୍ୟ ଆରମ୍ଭ କରିବା ଇତ୍ୟାଦି ଉପରେ କୌଣସି ପ୍ରତିବନ୍ଧକ ନାହିଁ। ଏପରିକି ଭାରତ ଭିତରେ ଭିନ୍ନ ଧର୍ମର ଓ ଅନେକ ସମ୍ପ୍ରଦାୟର ଲୋକ ଏପ୍ରକାର ପ୍ରତିବନ୍ଧକକୁ ମାନନ୍ତି ନାହିଁ। ତେଣୁ ଏପରି ପ୍ରତିବନ୍ଧକ ଅନ୍ଧବିଶ୍ୱାସ ଅଟେ। କିଏ ଠିକ୍ କିଏ ଭୁଲ ନିର୍ଣ୍ଣୟ କରିବା ପୂର୍ବରୁ ଉଭୟ ବାଦକୁ ପ୍ରଥମେ ବୁଝିନେବା ଜରୁରୀ। ହେତୁ କହିଲେ ସାଧାରଣତଃ ମନୁଷ୍ୟର ବୁଦ୍ଧିକୁ ବୁଝାଏ। ତେଣୁ ହେତୁବାଦକୁ ବୁଦ୍ଧିବାଦ ବୋଲି କୁହନ୍ତି। ମନୁଷ୍ୟର ବୁଦ୍ଧି ଅନେକ ଗୁଡିଏ ବିଷୟ ଦ୍ୱାରା ନିୟନ୍ତ୍ରିତ ହୁଏ। ଏଗୁଡିକ ମୁଖ୍ୟତଃ କାରଣବାଦ, ତର୍କବାଦ ଓ ଅଭିଜ୍ଞତାବାଦ। ତେବେ ଏ ସମସ୍ତ ବାଦର ମୂଳ ଆଧାର ହେଉଛି କାରଣବାଦ। ହେତୁକୁ ଅନେକେ କାରଣ ଅର୍ଥରେ ବ୍ୟବହାର କରନ୍ତି। ତେଣୁ ହେତୁବାଦକୁ କାରଣବାଦ କୁହାଯାଇ ପାରେ। କାରଣବାଦ କହିଲେ କାର୍ଯ୍ୟ-କାରଣ ନିୟମକୁ ବୁଝାଏ। ଏହା ଏକ ସର୍ବବ୍ୟାପୀ ନିୟମ ଅଟେ। ଏହି ନିୟମ ଉପରେ ବିଜ୍ଞାନ ପର୍ଯ୍ୟବେଶିତ। ବିଶ୍ୱବ୍ରହ୍ମାଣ୍ଡ ଏହି ନିୟମ ଦ୍ୱାରା ପରିଚାଳିତ ହୋଇଆସିଛି। ଏଥିରେ ବ୍ୟତିକ୍ରମ ନାହିଁ। ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଓ ଏହାପରେ କାର୍ଯ୍ୟ ବା ଘଟଣା ସଂଗଠିତ ହୁଏ। କୌଣସି କ୍ଷେତ୍ରରେ କାରଣ ବିନା କାର୍ଯ୍ୟ ସୃଷ୍ଟି ହେବା ସମ୍ଭବପର ନୁହେଁ। ଏହି କାର୍ଯ୍ୟ-କାରଣ ସମ୍ବନ୍ଧୀୟ ତତ୍ତ୍ୱ ହିଁ ହେତୁବାଦ। ବିଜ୍ଞାନ କହିଲେ ନିର୍ଦ୍ଦିଷ୍ଟ ଓ ସୁସଂହତ ଜ୍ଞାନକୁ ବୁଝାଏ। ତେଣୁ ହେତୁବାଦ କହିଲେ କାରଣୀକତା ଉପରେ ପର୍ଯ୍ୟବେଶିତ ବୈଜ୍ଞାନିକ ସିଦ୍ଧାନ୍ତକୁ ବୁଝାଏ। ବୁଦ୍ଧିର ମୂଳ ଆଧାର ହେଉଛି କାରଣୀକତା। ସେହିମାନେ ହିଁ ବୁଦ୍ଧିମାନ ଯେଉଁମାନେ କାରଣୀକତାର ସଠିକ ନିର୍ଣ୍ଣୟ କରିପାରନ୍ତି। ଏହା ଜ୍ଞାନର ସେହି ଉଚ୍ଚତର ସୋପାନ ଯାହା ପ୍ରକୃତ ସତ୍ୟ ନିକଟରେ ଉପନୀତ ହେବାରେ ସହାୟକ ହୁଏ। ତର୍କବାଦ ଓ ଅନୁଭୂତିବାଦ କାରଣବାଦ ବିନା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। କାରଣବାଦକୁ ଉଦଭାସିତ କରିବା ଉଭୟ ତର୍କବାଦ ଓ ଅନୁଭୂତିବାଦର ଲକ୍ଷ୍ୟ। ହେତୁବାଦୀ ଓ ପରମ୍ପରାବାଦୀଙ୍କ ମଧ୍ୟରେ ଦେଖାଯାଉଥିବା ବିବାଦର ସମାଧାନ ହୋଇପାରିବ ଯଦି ଉଭୟ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ବିଜ୍ଞାନସମ୍ମତ କାରଣକୁ ଗ୍ରହଣ କରାଯିବ ଏବଂ ଏହା ସହିତ ଏହି ସମୟରେ ରୋଷେଇ କଲେ କିମ୍ବା ଖାଇଲେ କେଉଁ ଅସୁବିଧା ହୁଏ ତାହାର ସଠିକ ତଥ୍ୟ ମିଳିପାରିବ। ଅନ୍ୟ ପକ୍ଷରେ କେତୁବାଦ କହିଲେ ରାହୁ-କେତୁ ସମ୍ବନ୍ଧୀୟ ପୌରାଣିକ ବିଷୟ ଆଧାରିତ କଥନକୁ ବୁଝାଏ। ହିନ୍ଦୁ ପୁରାଣରେ ରାହୁ-କେତୁ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ଏଥିରେ ସମୁଦ୍ର ମନ୍ଥନ କଥାର ଉଲ୍ଲେଖ ରହିଛି। ମନ୍ଦରା ପର୍ବତକୁ ମୂଳଖମ୍ବ ଓ ବାସୁକି ନାଗକୁ ଦଉଡି ରୂପେ ବ୍ୟବହାର କରି ଏବଂ ଗୋଟିଏ ପଟେ ଦେବତାମାନେ ଓ ଅନ୍ୟ ପଟେ ଅସୁରମାନେ ଧରି ସମୁଦ୍ର ମନ୍ଥନ କରିଥିଲେ। ସମୁଦ୍ର ମନ୍ଥନରୁ ଅନେକ କିଛି ମଧ୍ୟରୁ ଅମୃତ ମଧ୍ୟ ବାହାରି ଥିଲା। ଯିଏ ଅମୃତ ଖାଇବ ସେ ଅମର ହୋଇଯିବ। ଏହା ଜାଣିପାରି ସ୍ୱର୍ଭାନୁ ନାମକ ଜଣେ ଅସୁର ଅମୃତ ପାନ ପାଇଁ ଦେବତା ରୂପରେ ଉଦ୍ଦିଷ୍ଟ ଧାଡ଼ିରେ ଦେବତାଙ୍କ ମଧ୍ୟରେ ବସିଯାଇଥିଲା। ତାକୁ ଚନ୍ଦ୍ର ଓ ସୂର୍ଯ୍ୟ ଚିହ୍ନି ପାରି ମୋହିନୀ ରୂପରେ ଥିବା ବିଷ୍ଣୁଙ୍କୁ ଜଣାଇ ଦେଇଥିଲେ। ଅସୁର ଜଣକ ଅମୃତ ପାଇ ପାନ କରିଦେଇଥିଲେ, କିନ୍ତୁ ଏହା ତାର ତଣ୍ଟିପାର ହେବା ପୂର୍ବରୁ ବିଷ୍ଣୁ ସୁଦର୍ଶନ ଚକ୍ର ପେଷି ତା ମୁଣ୍ଡକୁ କାଟି ଅଲଗା ଦେଇଥିଲେ। ଶରୀର ଦୁଇଖଣ୍ଡ ହୋଇଗଲା। ତେବେ ଅମୃତ ପାନ କରିଥିବା ଯୋଗୁଁ ସେ ଅମର ହୋଇଗଲା। ମୁଣ୍ଡ ରାହୁ ଓ ଶରୀର କେତୁ ଭାବେ ପରିଚିତ ହେଲା। ପ୍ରତିଶୋଧ ନେବାପାଇଁ ସେ ଗୋଡାଇଲା ସୂର୍ଯ୍ୟ ଓ ଚନ୍ଦ୍ରକୁ ଗ୍ରାସ କରିବା ପାଇଁ। ରାହୁ-କେତୁ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗିଳିଲେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହୁଏ। ରାହୁ-କେତୁର ମୁଣ୍ଡ ଓ ଶରୀର ପୃଥକ ହୋଇଥିବା ଯୋଗୁଁ ଗିଳିବା ପରେ ସୂର୍ଯ୍ୟ ଓ ଚନ୍ଦ୍ର ବେକ ଆଡ଼େ ବାହାରି ଆସନ୍ତି। ପରମ୍ପରାବାଦୀମାନେ ଏହି ଉପାଖ୍ୟାନକୁ ବିଶ୍ୱାସ କରନ୍ତି।

ହେତୁବାଦୀମାନେ ଏ ପ୍ରକାର ମତ ଗ୍ରହଣ କରନ୍ତି ନାହିଁ। ଏମାନେ ବୈଜ୍ଞାନିକ ସିଦ୍ଧାନ୍ତକୁ ଗ୍ରହଣ କରନ୍ତି। ଏହାକୁ ଛାଇ ଆଲୁଅର ଖେଳ ବୋଲି କହନ୍ତି। ବିଜ୍ଞାନସମ୍ମତ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ସ୍ଥିର ଓ ସୂର୍ଯ୍ୟ ଚାରିପଟେ ପୃଥିବୀ ଘୁରୁଛି। ପୁଣି ପୃଥିବୀ ଚାରିପଟେ ଚନ୍ଦ୍ର ଘୁରୁଛି। ସୂର୍ଯ୍ୟ ଚାରିପଟେ ପୃଥିବୀ ୩୬୫.୨୫ ଦିନରେ ଥରେ ବୁଲିଆସେ ଓ ପୃଥିବୀ ଚାରିପଟେ ଚନ୍ଦ୍ର ୨୭.୩ ଦିନରେ ଥରେ ବୁଲିଆସେ। ଏହି ପରିକ୍ରମା ମଧ୍ୟରେ ଏପରି ଏକ ସମୟ ଆସେ ସେତେବେଳେ ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ଗୋଟିଏ ସରଳ ରେଖାରେ ରହନ୍ତି। ଯେତେବେଳେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ରହେ ସେ ସମୟରେ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡେ ଓ ଚନ୍ଦ୍ର ଛାଇ ଭିତରେ ଲୁଚିଯାଏ। ଏହି ସମୟରେ ପୃଥିବୀର ଗୋଟିଏ ଅଞ୍ଚଳର ଲୋକ ଏହାକୁ ଦେଖି ପାରନ୍ତି ନାହିଁ। ଉଭୟ ପୃଥିବୀ ଓ ଚନ୍ଦ୍ରର ଗତି ଯୋଗୁଁ ଛାଇ ଗୋଟିଏ ପଟୁ ଚନ୍ଦ୍ରକୁ ଢାଙ୍କି ଢାଙ୍କି ଆସେ ଓ ପୁଣି ସେହି ପଟୁ ଛାଇ ହଟି ହଟି ଆସେ। ଏହାକୁ ପୁରାଣରେ ଚନ୍ଦ୍ରକୁ ରାହୁ-କେତୁ ଗିଳେ ଓ ପୁଣି ଏହା ବେକଆଡୁ ବାହାରି ଆସେ ବୋଲି କୁହାଯାଇଛି। ସେହିପରି ପରିକ୍ରମା ସମୟରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଯେତେବେଳେ ଚନ୍ଦ୍ର ଚାଲିଆସେ ସେତେବେଳେ ଚନ୍ଦ୍ର ପ୍ରତିବନ୍ଧକ ଭାବେ ସୂର୍ଯ୍ୟ ସମ୍ମୁଖରେ ରହେ ଓ ସୂର୍ଯ୍ୟ ଆଂଶିକଭାବେ ଅଥବା ସମ୍ପୂର୍ଣ୍ଣଭାବେ ଢାଙ୍କିଯାଏ। ଏହାକୁ ପୁରାଣରେ ରାହୁ-କେତୁ ସୂର୍ଯ୍ୟକୁ ଗ୍ରାସକରେ ବୋଲି କୁହାଯାଇଛି। ବେକ କଟା ଯୋଗୁଁ ସୂର୍ଯ୍ୟ ବେକଆଡୁ ବାହାରି ଆସେ।

ହେତୁବାଦୀଙ୍କ ମତରେ ଏପରି ବିଶ୍ୱାସ ବିଜ୍ଞାନସିଦ୍ଧ ନୁହେଁ। ଏହା ସଠିକ ଜ୍ଞାନ ମଧ୍ୟ ନୁହେଁ। ଆଜିର ମନୁଷ୍ୟ ବହୁ ବିବର୍ତ୍ତନ ପ୍ରକ୍ରିୟା ଦେଇ ବର୍ତ୍ତମାନର ସ୍ଥିତିକୁ ଆସିଛି। କ୍ରମେ ତାର ବୁଦ୍ଧିମତ୍ତାର ବିକାଶ ଘଟିଛି। ଏହି ବିକାଶ ପଛରେ ରହିଛି କାରଣୀକତା ସମ୍ବନ୍ଧୀୟ ସଚେତନତା। ସେ ପ୍ରତ୍ୟେକ ଘଟଣାକୁ ଏକ ଆକସ୍ମିକ ବିଷୟଭାବେ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଛି। ଘଟଣା ସଂଗଠିତ ହେବା ପଛର କାରଣ ଖୋଜିବାକୁ ଚେଷ୍ଟା କରିଛି। ଅନୁଭୂତି ତାକୁ ପ୍ରେରିତ କରିଛି ଗ୍ରହଣ କରିବାକୁ ଯେ ପ୍ରତ୍ୟେକ କାର୍ଯ୍ୟ ବା ଘଟଣାର ଯାଥାଯଥ କାରଣ ରହିଛି। ବିନା କାରଣରେ କିଛି ଘଟେ ନାହିଁ। ଯାହାକୁ କାରଣ ବୋଲି ଗ୍ରହଣ କରାଯିବ ତାହା ଘଟଣାକୁ ସଠିକଭାବେ ବ୍ୟାଖ୍ୟା କରିପାରୁଥିବ। ତାହା ବାସ୍ତବବାଦୀ ହୋଇଥିବ। ଅନ୍ୟାନ୍ୟ କାରଣ ସମ୍ବନ୍ଧୀୟ ସୂତ୍ର ସହିତ ସମ୍ବନ୍ଧିତ ହୋଇଥିବ। ଗୋଟିଏ ଅସଂପୃକ୍ତ ବିଷୟକୁ କାରଣ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ। କାରଣ ସମ୍ବନ୍ଧୀୟ ଅବଧାରଣା ମନୁଷ୍ୟର ମନରେ ହେତୁ ରୂପରେ ରୋପିତ ହୋଇଛି। ହେତୁବାଦ ବିନା ବିଜ୍ଞାନର ପରିକଳ୍ପନା କରାଯାଇ ପାରିବ ନାହିଁ ଓ ବିଜ୍ଞାନକୁ ଛାଡି ସଭ୍ୟତା ଆଗେଇ ପାରିବ ନାହିଁ। ସଭ୍ୟତାର ବିକାଶରେ ହେତୁବାଦର ଯଥେଷ୍ଟ ଭୂମିକା ରହିଛି।

ରାହୁ-କେତୁ ଉପଖ୍ୟାନକୁ ନେଇ ବିଜ୍ଞାନ ଆଗକୁ ଯାଇପାରିବ ନାହିଁ। ଏହା ଧର୍ମ ବିଶ୍ୱାସର ବିଷୟବସ୍ତୁ। ବିଜ୍ଞାନରେ ବିଶ୍ୱାସ ଯଥେଷ୍ଟ ନୁହେଁ, ଏଥିରେ ବାସ୍ତବ ବ୍ୟାଖାନ ଜରୁରୀ। ରାହୁ-କେତୁ ଉପାଖ୍ୟାନ ଉଭୟ ଜାଗତିକ ଘଟଣାକୁ ସଠିକଭାବେ ବ୍ୟାଖ୍ୟାନ କରିବାକୁ ଅକ୍ଷମ। ସେହିପରି ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ କାହିଁକି ପାକ ନିଷେଧ ଓ କାହିଁକି ଖାଦ୍ୟଗ୍ରହଣ ନିଷେଧ, ଏହାର କୁପ୍ରଭାବ କ'ଣ, ଏ ସମ୍ବନ୍ଧୀୟ ତଥ୍ୟ ସମ୍ବଳିତ ବାସ୍ତବ କାରଣ ଉପସ୍ଥାପନ ଅପରିହାର୍ଯ୍ୟ। ଏପରି କଲେ କେଉଁ ପ୍ରକାର ଶାରିରୀକ ସମସ୍ୟା ଜାତ ହୁଏ ତାହାର ସ୍ପଷ୍ଟ ବର୍ଣ୍ଣନା ଜରୁରୀ। ଅଯଥା ଗଣ୍ଡଗୋଳ ସୃଷ୍ଟି ନକରି ବାସ୍ତବତାକୁ ଉପଲବ୍ଧି କରି ବିବାଦର ସହଜ ସମାଧାନ କରାଯିବା ଉଚିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ମନ ବଦଳିଲା

**ସତ୍ୟନାରାୟଣ ପ୍ରଧାନ**

ଆଗାମୀ ନୂଆବର୍ଷ ଉପଲକ୍ଷେ ସୋନୁ ତା ସାଙ୍ଗ ମାନଙ୍କ ସହିତ ମିଶି ବଣଭୋଜିର ଆୟୋଜନ କରିଥିଲା । ପନିପରିବା ଆଉ ସଉଦା କିଣା ସରିଲା । ଖାସି ମାଂସ ଲାଗି ଦୋକାନୀକୁ ଅଗ୍ରୀମ ଟଙ୍କା ମଧ ଦିଆ ସରିଥିଲା । ପର୍ଯ୍ୟାୟ କ୍ରମେ ରୋଷେଇ ସରି ଯାଇଥିଲା ଦୋକାନୀର ଲୋକ ଜଣଙ୍କ ଦୀର୍ଘ ଘଣ୍ଟାଏ କାଳ ବିତି ଯାଇଥିଲେ ବି ମାଂସ ଦେବାରେ ବିଳମ୍ବ ହେବାରୁ ରାଗରେ ତା ପାଖକୁ ବିରକ୍ତ ହୋଇ ଧାଇଁ ଯାଇଥିଲେ ।

ସେ ଗାଁ ଲୋକ ହୋଇଥିବାରୁ ତା ପାଖରେ ସେମାନେ ହାଜର ହୋଇଗଲେ । ଅନ୍ୟ ଦିନମାନଙ୍କ ଅପେକ୍ଷା ଗରାଖ ବେଶି ଥିବାରୁ ଶୀଘ୍ର ବିକ୍ରି ସରି ଯାଇଥିଲା । ଲୋକଟି ଦୋକାନ ବନ୍ଦ କରି ସିଧା ଘରକୁ ଯାଇ ମୁଣ୍ଡ ତଳକୁ କରି ବସିଥାଏ । ଆଖିରେ ତାର ଲୁହ ଟୋପା ଗୁଡାକ ମାଟିରେ ଝରି ପଡୁଥିଲା । ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ । ଏପରି ବେପାର ନ କରି ଖାଲି ବସିବାର କାରଣ କିଛି ଜାଣିବାଟା ମୁସ୍କିଲ ।



ସେ ଘର ଭିତରକୁ ହାତ ହଲାଇ କିଛି ବୋଧେ ଦେଖିବାକୁ ସଂକେତ କରୁଥିଲା। ଘର ଭିତର ଦୃଶ୍ୟ ଦେଖିଲା ପରେ ଆଖି ପିଛୁଳାକେ ସମସ୍ତେ ବାହାରକୁ ଚାଲି ଆସିଲେ । ଛୋଟ ପିଲା ଭଳି ଛେଳି ଛୁଆଟା ତା ସ୍ତ୍ରୀ ହାତରୁ ପଖାଳ ଭାତ ମେଁ ମେଁ କରି ଖାଇ ଦେଉଥିଲା । ଭଗବାନ ସେମାନଙ୍କୁ ଛୁଆଟିଏ ଲାଗି ଯେତେ ଡାକିଲେ ବି କୋଳ ଖାଲି ଥିଲା । ଦୋକାନୀ ପିଲା ମାନଙ୍କୁ ଟିକେ ଅପେକ୍ଷା କର ବଇନା ନେଇଛି ମାନେ ନିଜର ପୋଷା ଛେଳି ହେଉ ନା କାହିଁକି ଦେବାକୁ ପଛାଇବି ନାହିଁ କହୁଥିଲା ।

ସେ ଛେଳି ଛୁଆଟିକୁ ବାହାରକୁ ଆଣି ପିଲାଙ୍କ ହାତରେ ଧରାଇ ଦେଲାବେଳେ ଦୁହେଁ ତାକୁ ଧରି ଭୋ ଭୋ କରି କାନ୍ଦୁଥିଲେ । ସୋନୁ ମନରେ କେଜାଣି କାହିଁକି ସେ ଦୁହିଁଙ୍କ ପ୍ରତି ଗଭୀର ସମବେଦନା ଜାଗିଥିଲା। ମଣିଷ ଆଉ ପଶୁ ଭିତରେ ଥିବା ସ୍ନେହ ବନ୍ଧନର ଡୋରକୁ ଛିଣ୍ଡାଇ ସାଙ୍ଗରେ ନେଇଯିବା ଭଲ ନୁହେଁ ଜାଣି ପାରିଲା । ଦୁନିଆରେ ମଣିଷ ଠାରୁ ପଶୁ ପକ୍ଷୀମାନେ ବେଶି ନିଜର ଆଉ ବଞ୍ଚିଥିବା ଯାଏ ସେମାନେ କେବେ ପାଖ ଛାଡ଼ି ଯାଅନ୍ତି ନାହିଁ ହୃଦୟଙ୍ଗମ କରୁଥିଲା । ସୋନୁ ଏଭଳି ପରିସ୍ଥିତିରେ ସାଙ୍ଗ ମାନଙ୍କୁ ସେଠାରୁ ଯିବା ପାଇଁ ଡାକି ଆଣିଲା। ଦୋକାନୀ ଜଣଙ୍କ ପାଖରେ ରଖିଥିବା ଅଗ୍ରୀମ ଟଙ୍କା ସୋନୁ ହାତକୁ ବଢ଼ାଇ ଖୁସି ମନରେ ଘର ଭିତରକୁ ଚାଲି ଯାଇଥିଲା ।। (ସମାପ୍ତ )

ଅଣ୍ଡିଆ,
ଜେନାପୁର,
ଯାଜପୁର
ପିନ- ୭୫୫୦୨୩ ,
ମୋ - ୯୧୭୮୩୧୩୬୪୪

# ଶିଶୁ

**ଆଦ୍ୟାଶା ମହାପାତ୍ର**

ସରଳ ନିଷ୍ପାପ ମନେ ତା'ର ଅଙ୍କା
ଖୁସି-ଇନ୍ଦ୍ରଧନୁ ରଙ୍ଗ ।।

ଆଜି ଶିଶୁ ପରା ଆଗାମୀ କାଲିର
ସମୁଜ୍ଜଳ ଭବିଷ୍ୟତ
ପ୍ରତିଭା ତାହାର ଗଢ଼ିବ ସୁନ୍ଦର
ବିକଶିତ ଏକ ରାଷ୍ଟ୍ର ।।



ଶିଶୁର ଆଖିରେ ଆଖିଏ ସପନ
ଚାହାଣି ତା ମଧୁଝରା
ମୁହଁ ତା'ର ସତେ ସତେଜ ସୁମନ
ଅତୁଳ ସୁଷମା ଭରା ।।

ଶିଶୁ ଜାଣେ ନାହିଁ ହିଂସା ଭେଦଭାବ
ଲୋଡେ ସ୍ନେହ ଅନୁରାଗ

ମହମ ପରିକା ନମନୀୟ ଶିଶୁ
ସ୍ୱପ୍ନ ତା ସୁନା ସକାଳ
ସଦା କଳକଳ ଝରଣାଟିଏ ସେ
ଦରୋଟି ତା ଛଳଛଳ ॥

ହୃଦୟ ତାହାର ପୀୟୁଷରେ ଭରା
ହସ ତା'ର ତାରା-ଫୁଲ
ପିତାମାତାଙ୍କର କୋଟିନିଧି ଶିଶୁ
ଅନନ୍ତ ଐଶ୍ୱର୍ଯ୍ୟ ତୁଲ ।।

ଶିଶୁ ପରା ଆମ ସଂସ୍କୃତି ବାହାକ
ସଭ୍ୟତାର ନବରବି
ଦେଶ ମାତୃକାର ଅମୂଲ୍ୟ ବୈଭବ
ଗର୍ବ ଗଉରବ ଛବି ।।

ନୂଆପଡା, କଟକ

# ଆସୁଛି ଧନୁ ସଂକ୍ରାନ୍ତି

**ନୀଳମଣି ଚାନ୍ଦ**

ପଉଷ ମାସର ପ୍ରଥମ ଦିନରୁ
ଆରମ୍ଭ ଯେ ଋତୁ ଶୀତ
ପାଞ୍ଜି ଅନୁସାରେ ଏ ଧନୁ ସଂକ୍ରାନ୍ତି
ଶୁଣି ତୋଷ ଆଇ ଚିତ୍ତ ।

ଏଇଦିନଠାରୁ ପୁରୀ ଶ୍ରୀମନ୍ଦିରେ
ହୁଅଇ 'ପହିଲି ଭୋଗ'
ବାପଘର ଯାଇଥାନ୍ତି ମାଆ ଲକ୍ଷ୍ମୀ
ତେଣୁ ପଡ଼େ ଏହି ଯୋଗ।

ପ୍ରଭାତୀ କୀର୍ତ୍ତନ ବନ୍ଦ ରହଇ
ମାସେ ଯେ ଶ୍ରୀମନ୍ଦିରଟିରେ
ଧନୁମୁଆଁ ହୁଏ ପ୍ରତିଟି ଓଡ଼ିଆ
ଘରେ ଏହି ସଂକ୍ରାନ୍ତିରେ।

ଧନୁ ସଂକ୍ରାନ୍ତିକୁ 'ମହୋଦରୀ' ବୋଲି
କହନ୍ତି ପଞ୍ଜିକାକାର
ଅଜା ତ କହିବେ ଏ ସଂକ୍ରାନ୍ତି କଥା
କି ଗୁରୁତ୍ୱ ଅଛି ତା'ର।

ଧନୁ ମୁଆଁ ପାଇଁ ପ୍ରସିଦ୍ଧି ଏହାର
ମୁଆଁ ଭୋଗ କରାଯାଏ
ଧନୁମୁଆଁ ନେଇ ଭୋଗ କରିବାକୁ
ବିଲ ମୁଣ୍ଡେ ଚାଷୀ ଥାଏ।

ଓଡ଼ିଆ ଚଳଣି ସଂସ୍କୃତିର କଥା
ଏ ସଂକ୍ରାନ୍ତି ଦିଏ କହି
ସତେ ହାଡ଼ଭଙ୍ଗା ଶୀତ ସେ ଆଣିଛି
ତା'କୁ ଯିବେ ସବୁ ସହି।



ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ବଣ ଭୋଜି ପାଇଁ ପିଲାଙ୍କ ଖୁସି

**ପ୍ରଫୁଲ୍ଲ କୁମାର ସାହୁ**

ବଡ଼ ଦିନ ପାଇଁ ହୋଇଲା ଛୁଟି
ଖୁସିରେ ପିଲାଏ ଉଠିଲେ ମାତି
କରିବାକୁ ବଣ ଭୋଜି,
ସାଙ୍ଗ ସାଥି ମିଳି ଚାନ୍ଦା ଭେଦା ପାଇଁ
ହୋଇଲେ ସଭିଏଁ ରାଜି ।୧।

ଜଣ ଜଣ ଚାନ୍ଦା ଆଦାୟ କରି
ସଉଦା କିଣିଲେ ଚିଠାକୁ ଧରି
ଗାଡ଼ିରେ ଜିନିଷ ଭରି,
ସାଙ୍ଗ ସାଥି ମେଳେ ବାହାରି ପଡ଼ିଲେ
ଭୋଜି ଜାଗା ସ୍ଥିର କରି ।୨ ।

ଦିନ ଦଶଟାକୁ ଭୋଜି ଜାଗାରେ
ପହଞ୍ଚି ଗଲେସେ ନିଜ ଗାଡ଼ିରେ
ସାଙ୍ଗ ସାଥି ସହ ଆସି,
ସଭିଏଁ ଗାଡିରୁ ଜିନିଷ ଓହ୍ଲାଇ
ଚୁଲି ଖୋଲିଲେ ସେ ମିଶି ।୩ ।

କିଏବା ପରିବା କାଟିଲା ବସି
ପାଣି ଆଣିଦେଲା କେ ଅବା ହସି
ରୋଷେଇ କରିଲେ ନନା,
ଦିଆ ଗଲା ଯେଉଁ କାମଟି ଯାହାକୁ
କେହି ନ କରିଲେ ମନା । ୪ ।

ବଡ଼ ଦିନ ଭୋଜି କରିଲେ ମିଶି
ଖାଇଲେ ଏକାଠି ସଭିଏଁ ବସି
ଭୋଜି କରି ହେଲେ ଖୁସି,
ବୁଲା ବୁଲି ସାରି ଫେରିଲେ ଘରକୁ
ନିଜର ଗାଡ଼ିରେ ବସି । ୫ ।



ବରଷକେ ଆଜି ଗୋଟିଏ ଦିନ
ଖୁସିରେ ନାଚୁଛି ପିଲାଙ୍କ ମନ
ବଡ଼ ଦିନ ପାଇଁ ପରା,
ସାରା ରାଇଜରେ ହୁଏ ବଣ ଭୋଜି
ହସୁଛି ଆମ ଏ ଧରା । ୬ ।

ମାଳତୀ କୃପା ନିବାସ,
ଶକ୍ତି ବିହାର / ବାଲିପଡ଼ା,
ମାହାଙ୍ଗା, କଟକ ।
ମୋ -୭୬୦୯୦୪୪୩୮୩

# ହସିହସିକା

**ନଳିନୀ ଦାଶ**

ହସିହସିକା ଆସ ସଭିଏଁ
ଖେଳିବା ହୋଇ ମେଳ
କ୍ରିକେଟ, ଭଲି, ଖୋଖୋ ,କବାଡି
ଯେତେକ ଅଛି ଖେଳ ।
ହସିହସିକା ଦେଶ ରାଇଜ
ପାଇଁ କରିବା କାମ
ଦେଶରୁ ଶତ୍ରୁ ହଟାଇ ଦେଇ
ରଖିବା ଆମେ ନାମ ।
ହସିହସିକା ବୁଢ଼ାବୁଢ଼ୀଙ୍କ
କରିବା ଆମେ ସେବା
ଦୁଃଖୀ ରଙ୍କିଙ୍କ ପାଇଁ ସଭିଏଁ
ପରାଣ ଢ଼ାଳି ଦେବା ।
ହସିହସିକା ଆମରି ହାତେ
ଲଗାଇଦେବା ଗଛ
ସବୁଜ ବଣ ଗଢ଼ି ରଖିବା
ପରିବେଶକୁ ସ୍ୱଚ୍ଛ ।
ହସିହସିକା ଗାଇବା ମିଶି
ମଧୁର ସୁରେ ଗୀତ
ଗୀତଟି ଆମ ମିତଟେ ପରା
ଆନନ୍ଦ ହେବ ଚିତ୍ତ ।
ହସିହସିକା ଗାଆଁକୁ ଆମେ
ସ୍ୱଚ୍ଛତା ଆଣିଦେବା
ସଫାସୁତୁରା ଦେଖି ଗାଆଁର
ହେବେ ସଭିଏଁ କାବା ।
ହସିହସିକା ଫୁଲବଗିଚା
ଦେବାରେ ଆମେ କରି
ରଙ୍ଗବେରଙ୍ଗ ଫୁଲ ଫୁଟିବ
ବାସନା ଯିବ ଭରି ।
ହସିହସିକା ପଢ଼ିବା ପାଠ



ଯିବାନି ଆମେ ଡରି
ପାଠ ବତାଏ ଉତ୍ତମ ବାଟ
ବଢ଼ିବ ସୁଖ ଶିରୀ ।
ହସିହସିକା ଦୁଃଖ ବିପଦ
ଝଡ଼କୁ ଯିବା ସହି
ଆମର ବୁଦ୍ଧି କାମକୁ ଦେଖି
ହସିଉଠିବ ମହୀ ।


ଭିକାରିପଡ଼ା, ଶରଣକୁଳ,
ନୟାଗଡ଼ ।
ମୋ ୯୨୩୮୯୯୬୬୪୯

# ଆମ ଗାଆଁ ବୁଲି ଆସିଛି ଶୀତ

**ଜୟକୃଷ୍ଣ ସାହୁ**

ଆମ ଗାଆଁଆଡ଼େ ଆସିଛି ଶୀତ
ଶୀତ କଥା ଆଉ କହନା ମିତ
ଭାରି ହଟହଟା କରେ,
ଗରିବଗୁରୁବା ଘରେ ପଶି ସିଏ
ଥରାଇ ଥରାଇ ମାରେ।
ଗରମ ପୋଷାକ ନାହିଁ ଯାହାର
ତାକୁ ଦିଏ ଶୀତ ଶକ୍ତ ପାହାର
ଦୁଃଖେ କଟେ ଦିନ ରାତି,
ଅରକ୍ଷିତକୁ ତ ଦଇବ ସାହା ଲୋ
ନାହିଁ ତା'ର ଆନ ଗତି।
ଶୀତ ଦିଏନାହିଁ କେବଳ ଦୁଃଖ
ଦୁଃଖ ସାଥେ ଆଣି ଦିଅଇ ସୁଖ
ଖାଇବାକୁ ଭଲ ମିଳେ,
ଆମ ବଗିଚାରେ ଜାତି ଜାତି ଫଳ
ପରିବାପତର ଫଳେ।

ସୂରୁଜ ପରଶେ କଅଁଳ ଖରା
ସକାଳୁ ସୁନ୍ଦର ଦିଶଇ ଧରା
ଖରା ପୋଇଁ ମଜା କରି,
ଏବାରି ସେବାରି ହେଉଥାଉ ଆମେ
ମୁଢ଼ି ଚେନାଚୁର ଧରି।
କାଠିକୁଟା ଜାଳି ପୁଅଁଉ ନିଆଁ
ନିଆଁପୁଆଁ ସୁଖ ଭାରି ବଢ଼ିଆ
ସକାଳୁ ସକାଳୁ ଆସି,
ଅଳିଆ ଅସନା ସଫା କରି ଜାଳି
ହୋଇଥାଉ ଆମେ ଖୁସି।
କେତେ ବଣଭୋଜି କରୁ,
ଭୋଜି ପାଇଁ ସବୁ ସାଜ ସରଞ୍ଜାମ
ନେଇଥାଉ ଆମ ଘରୁ।



କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

# ପଠାଣି ସାମନ୍ତ ନାମରେ

**ମହେନ୍ଦ୍ର କୁମାର ଘଡ଼େଇ**

ନୟାଗଡ଼ ଖଣ୍ଡପଡ଼ା ପିଲା
ବଡ଼ ହୋଇ ନାଆଁ ରଖିଗଲା
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ନକ୍ଷତ୍ର ଗଣି ସେ
ପରାଗ ଗ୍ରହଣ ଜଣାଇଲା।
ହାତରେ ତିଆରି କରି ଗଲା
ଗୋଲଯନ୍ତ୍ର ସୂର୍ଯ୍ୟଘଡି ଭଲା
ଉଲମ୍ବୀଚକର ଖଗୋଳ ଯନ୍ତ୍ରର
ଶଙ୍କୁଦଣ୍ଡ ମାନଯନ୍ତ୍ର ଦେଲା ।
ସିଦ୍ଧାନ୍ତ ଦର୍ପଣ ଭଳି ପୋଥି
ଚକିତ ହୋଇଲେ କେତେ ରଥି
ଗ୍ରହ ନକ୍ଷତ୍ରର ଗତିବିଧି ଜାଣି
ଓଡ଼ିଆ ପଞ୍ଚାଙ୍ଗ ଗଲେ ଲେଖି।
ଜନମ କୁଣ୍ଡଳି ଗଢ଼ା କାମ
ଦୂର ପରବତ ମାପେ ନାମ

ଆଖି ନ ପାରଲା ମନ୍ଦିର ଗଛର
ଉଚ୍ଚତା କହିବା ଯା'ର କାମ ।
ଶ୍ୟାମବନ୍ଧୁ ସିଂହ ବିଷ୍ଣୁମାଳି
ପିତା ମାତା କୋଳ ନେଲା ତୋଳି
ପଠାଣି ସାମନ୍ତ ନାମରେ ବିଖ୍ୟାତ
ହୋଇଲେ ଜ୍ୟୋତିଷ ଶାସ୍ତ୍ରେ ଚଳି।
ଗ୍ରହ ନକ୍ଷତ୍ରରେ ତିଥିବାର
ରାଶିଚକ୍ରଙ୍କର କାରବାର
ତାରକା ମେଳରେ ଶୂନ୍ୟ ଆକାଶକୁ

ଦେଖୁଥିଲେ ରହି ଉଜାଗର ।
ଦେଶ ବିଦେଶରେ ପଡ଼େ ହୁରି
ନୁହେଁ ଆଉ କେହି ତାଙ୍କ ପରି
ସୂରୁଯଦେବତା ସ୍ଥିର କଥା କହି
ଗ୍ରହ ଉପଗ୍ରହ ଘୂରାଘୂରି ।
ତାଙ୍କ ଗବେଷଣା ଫଳ ନେଇ
ପରେ କେତେ କିଏ ଗଲେ ଧାଇଁ
ମହାମହୋପାଧ୍ୟାୟ ନାମଟି ତାଙ୍କ
ଉଚ୍ଚ କଣ୍ଠ କରି ଗଲେ ଗାଇ ।

କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ, ୯୪୩୭୭୪୦୫୬୬

# 'ନୁହଁଇ କେହି ଛୋଟ'

**ଅନନ୍ତ କୁମାର ସେନାପତି**

ଛୋଟ ମଞ୍ଜିଟି ଉଖାରି ମାଟି ବିରାଟ ତରୁ ହୁଏ
ଫୁଲ ଓ ଫଳ, ଅମଳଜାନ, ଛାଇ, ଯୋଗାଇ ଥାଏ ।

ଛୋଟ ତାରାଟି ଦିଅଇ ଜ୍ୟୋତି ନୀଳ ଆକାଶେ ଥାଇ
ମନକୁ ଆମ ନିଏ ସେ କିଣି ବହୁ ଦୂରରେ ରହି ।

ଏଇ ଧରାରେ ପିମ୍ପୁଡିଟିଏ ଛୋଟିଆ ବୋଲି କୀଟ
ଶିଖାଇ ଦିଏ କାମରେ ଲାଗ ନ ହୋଇ କେବେ ମଠ ।

ଛୋଟିଆ ପିଲା ବାଜି ରାଉତ ଖାଇଲା ପଛେ ଗୁଳି
ଛାଡିଲା ନାହିଁ ଫିରିଙ୍ଗି ଦଳ ଭୟରେ ଗଲେ ଫେରି ।

ଟିକି ଶୁଣ୍ଢରେ ଆଣଇ ମହୁ ଫୁଲରୁ ଫୁଲ ଉଡ଼ି
ନାମ ତାହାର ମଧୁ ମକ୍ଷିକା ରଖେ ସାଇତି କରି ।

ଟିକି ଚଢ଼େଇ ପାରେ ଗଢ଼େଇ ସୁନ୍ଦର ଏକ ବସା
ସେଇଠି ମିଳେ ସବୁ ସପନ ଜିଇଁବା ପାଇଁ ଆଶା ।

ଛୋଟ ଛୋଟର ଦରବ ମିଶି ହୁଅଇ ଦିନେ ବଡ଼
ସାରା ବଗିଚା ମହକି ଯାଏ ଫୁଟିଲେ ଛୋଟ କଢ଼ ।

ଯାହା ବି ଗଢ଼ା ଏଇ ଭୂଇଁରେ ନୁହଁଇ ଛୋଟ କେହି
ବିକଶି ଉଠେ ଦିନେ ନା ଦିନେ ସ୍ନେହ, ଆଦର ପାଇ ।



ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ଫୋନ ୭୦୦୮୩୦୪୨୨୫

# ଗଢି ଦେବୁ ନୂଆ କରି

**କୀର୍ତ୍ତନ ସାହୁ**

ଆମେ ପଢୁଅଛୁ ପାଠ
ଖୋଜି ପାଇବାକୁ ବାଟ
ମହାପୁରୁଷଙ୍କ ବାଣୀ
କେତେ କେତେ କଥା ଜାଣି
ଗଢି ଦେବୁ ନୂଆ କରି
ଭଲ ଭଲ କାମ କରି ଦେଖାଇବୁ
ହୃଦୟେ ମମତା ଭରି ।

ଲଗାଇବୁ ଆମେ ଗଛ
ଆଉ କାମ କରି ପଛ
ଗଛ ପାଇଁ ଆମେ ବଞ୍ଚୁ
ଭବିଷ୍ୟତ ପାଇଁ ସଞ୍ଚୁ
ସବୁ କିଛି ତାର ଦିଏ
ଭଲରେ ମନ୍ଦରେ ଆମ ପାଖେ ରହି
ଆମରି ଯତନ ନିଏ ।

ବାପା ମାଆ ଯତ୍ନ ନେବୁ
ଯାହା ଦରକାର ଦେବୁ
ହୃଦୟେ ମମତା ବହି



ପାଖେ ପାଖେ ତାଙ୍କ ରହି
କରିବୁ ତାଙ୍କରି କାମ
ବାପା ମାଆ ଗୁରୁଜନ ସେବା କରି
ରଖି ଯିବୁ ଭଲ ନାମ ।

ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ - ୯୪୩୮୪୧୪୭୦୧





# ରାଜ୍ୟରେ ଫର୍ଟିଲାଇଜର ପ୍ଲାଣ୍ଟ ସ୍ଥାପନା ନେଇ ବୈଠକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବୈଠକରେ ରାଜ୍ୟରେ ସାର ଉତ୍ପାଦନ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ମଧ୍ୟ ଉପସ୍ଥିତ ଥିଲେ ।

ଓଡ଼ିଶାର କୃଷି କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହୋଇଥିବା ଏବଂ ଚାଷ ପ୍ରତି ଯୁବପିଢ଼ି ଅନୁଗାମୀ ହୋଇଥିବା କାରଣରୁ କୃଷି ଉଦ୍ୟୋଗୀ ମଧ୍ୟ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଓଡ଼ିଶା ସରକାରଙ୍କ ସହଜ ଓ ନିବେଶମୁଖୀ ନୀତି ଯୋଗୁଁ ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା । ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାସନାଲ ଫର୍ଟିଲାଇଜର ଡେଭଲପମେଣ୍ଟ ସେଣ୍ଟର ମଧ୍ୟ ଓଡ଼ିଶାରେ ନିଜର ପ୍ଲାଣ୍ଟ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ଓଡ଼ିଶା ସରକାରଙ୍କ ସହଯୋଗ ମଧ୍ୟ କାମନା କରିଛନ୍ତି ।

ଓଡ଼ିଶା ସରକାରଙ୍କ ତରଫରୁ ଚାଷୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବାରୁ ବହୁ ଲୋକ ଏବେ ଚାଷକୁ ଆପଣେଇଲେଣି । ଅଣ ଧାନ ଫସଲ ଗୁଡ଼ିକ ମଧ୍ୟ ଖରିଫରେ ଧାନ ଫସଲ କରୁଛନ୍ତି । ତଦନୁଯାୟୀ, ବିଶେଷ କରି ଖରିଫ ଫସଲ ସମୟରେ ସାରର ଆବଶ୍ୟକ ବିଶେଷ ଭାବେ ବୃଦ୍ଧି ପାଇଥାଏ । ଏହାର ସ୍ଥାୟୀ ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ଅଧିକ ପ୍ଲାଣ୍ଟ ସ୍ଥାପନା ନେଇ ଆଲୋଚନା ଚାଲିଛି । ଯଦ୍ୱାରା ରାଜ୍ୟରେ ଚାଷ ପାଇଁ ସାରର ଅଭାବ ପରିଲକ୍ଷିତ ହେବ ନାହିଁ ଏବଂ ବଣ୍ଟନ ମଧ୍ୟ ସୁଚାରୁରୂପେ ହୋଇପାରିବ। ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ବୈଠକରେ ମଧ୍ୟ ଉପସ୍ଥିତ ଥିଲେ ।

# ଛାତ୍ରଛାତ୍ରୀମାନଙ୍କୁ ମର୍ଯ୍ୟାଦା ଏବଂ ଦାୟିତ୍ୱର ସହିତ ଯାତ୍ରା କରିବାକୁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ନିବେଦନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ପରିସୀମା ମଧ୍ୟରେ ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କୁ ଟ୍ରେନ୍ ଯାତ୍ରା ସମୟରେ ମର୍ଯ୍ୟାଦା, ଆତ୍ମସମ୍ମାନ ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ବଜାୟ ରଖିବାକୁ ନିବେଦନ କରିଛି । କଲେଜ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ଅନୁରୋଧ କରାଯାଇଛି ଯେ ସେମାନେ ସେମାନଙ୍କର ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଟିକେଟ ସହିତ ଯାତ୍ରା କରିବାକୁ ପ୍ରେରଣା ଏବଂ ମାର୍ଗଦର୍ଶନ କରନ୍ତୁ, କାରଣ ଏହା ଯଥାର୍ଥତା ଓ ଶୃଙ୍ଖଳାକୁ ପ୍ରତିଫଳିତ କରିବା ସହ ଦେଶ ନିର୍ମାଣରେ ଯୋଗଦାନ ଦେଇଥାଏ। ବୈଧ ଟିକେଟ୍ ବିନା ଯାତ୍ରା କରିବା କେବଳ ରେଳ ଆଇନ ଅନୁଯାୟୀ ଏକ ଅପରାଧ ନୁହେଁ ବରଂ ଏକ ସାମାଜିକ ଅପରାଧ ଯାହା ନାଗରିକ ଦାୟିତ୍ୱକୁ ମଧ୍ୟ କ୍ଷୁଣ୍ଣ କରେ।

ସଚେତନତାକୁ ସୁଦୃଢ଼ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ଅଭିଯାନ ଚଳାଇଛି । ଏହି ପଦକ୍ଷେପର ଅଂଶ ସ୍ୱରୂପ, ପୁରୀର ମହିଳା ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଠାରେ ବିନା ଟିକେଟ୍ ଯାତ୍ରା, ଛାତ୍ରଛାତ୍ରୀଙ୍କ ମାସିକ ସିଜନ୍ ଟିକେଟ୍ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ରିହାତି ଯାତ୍ରାର ଲାଭ ଉପରେ ଆଲୋଚନା କରାଯାଇଥିଲା। ଏହି ଅଧିବେଶନରେ ବାଣିଜ୍ୟିକ ଅଧିକାରୀଙ୍କ ସହ ଅନ୍ୟ ରେଳବାଇ ଅଧିକାରୀ, ପୁରୀର ଷ୍ଟେସନ ନିର୍ଦ୍ଦେଶକ; ରେଳ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀ ଏବଂ ଟିକେଟ୍ ଯାଞ୍ଚ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅଧିକାରୀମାନେ ମଧ୍ୟ ପୁରୀର ସାମନ୍ତ ଚନ୍ଦ୍ରଶେଖର (ଏସସିଏସ) କଲେଜର ଅଧ୍ୟକ୍ଷଙ୍କୁ ମଧ୍ୟ ଭେଟିଥିଲେ। ପ୍ରଧାନଶିକ୍ଷକ ଆଶ୍ୱାସନା ଦେଇ କହିଛନ୍ତି ଯେ ବୈଧ ଟିକେଟ୍ କିଣିବାର ଗୁରୁତ୍ୱ ସମ୍ପର୍କରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯିବ। ନିଶ୍ଚିତ ଭାବରେ, କଲେଜ ଅଧ୍ୟକ୍ଷ ଏକ ଆନୁଷ୍ଠାନିକ ପରାମର୍ଶ ଜାରି କରିଛନ୍ତି ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କୁ ଯେକୌଣସି ଟ୍ରେନରେ ଯାତ୍ରା କରିବା



ପୂର୍ବରୁ ଉପଯୁକ୍ତ ଟିକେଟ୍ ନେବାକୁ ଅନୁରୋଧ କରାଯାଇଛି। ଟିକେଟ୍ ଯାଞ୍ଚ କର୍ମଚାରୀଙ୍କୁ ବିନା ଟିକେଟ୍ ଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସମୟରେ ସଚେତନତା ପାଇଁ ଏହି ନୋଟିସ୍‌ର ଏକ କପି ରଖିବାକୁ ମଧ୍ୟ ଉପଦେଶ ଦିଆଯାଇଛି ।

ଛାତ୍ରଛାତ୍ରୀମାନଙ୍କ ପାଇଁ ରିହାତି ସୁବିଧା – ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଛାତ୍ରମାନଙ୍କ ପାଇଁ ଉପଲବ୍ଧ ରିହାତିକୁ ପୁନର୍ବାର ଦୋହରାଇଛି :

ସମସ୍ତ ଯୋଗ୍ୟ ଛାତ୍ରଙ୍କ ପାଇଁ ମୂଳ ଭଡ଼ାରେ ୫୦% ରିହାତି । ଅନୁସୂଚିତ ଜାତି/ଜାତ ଜନଜାତି ଛାତ୍ରଙ୍କ ପାଇଁ ୭୫% ରିହାତି । ରିହାତି ଯାତ୍ରାରେ ବାଳିକା ଛାତ୍ରୀମାନଙ୍କୁ ପ୍ରାଥମିକତା ଏବଂ ବର୍ଦ୍ଧିତ ସୁବିଧା ପ୍ରଦାନ କରାଯାଏ। ଏମଏସଟି ସୁବିଧା ଉଚ୍ଚ ସବ୍‌ସିଡି ଦରରେ ପ୍ରତି ମାସରେ ୧୫୦ କିଲୋମିଟର ପର୍ଯ୍ୟନ୍ତ ଅସୀମ ଯାତ୍ରା କରିବାକୁ ଅନୁମତି ଦିଏ। ଉଦାହରଣ ସ୍ୱରୂପ, ପୁରୀ-କଟକ ଦୂରତା ୯୦ କିଲୋମିଟରକୁ ଦର୍ଶାଇବା।

ଏକ ମେମୁ/ପାସେଞ୍ଜର ଟ୍ରେନ ପାଇଁ ସାଧାରଣ ଭଡ଼ା ୨୫ ଟଙ୍କା ଏକ ତରଫା (୫୦ ଉଭୟ ପାର୍ଶ୍ୱରୁ) ଏବଂ ରିହାତି ବିନା ମାସିକ ଦେୟ ପ୍ରାୟ ୧୫୦୦ ଟଙ୍କା। ଏମଏସଟି ବା ମାସିକ ସିଜିନ ଟିକେଟ ଭଡ଼ା: ଉଭୟ ପାର୍ଶ୍ୱ ପାଇଁ ୯୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଯାତ୍ରା ପାଇଁ ୩୫୫ ଟଙ୍କା (ମେମୁ/ପାସେଞ୍ଜର) ଏବଂ ୫୮୦ ଟଙ୍କା (ଏକ୍ସପ୍ରେସ/ସୁପରଫାଷ୍ଟ) ଟ୍ରେନ ଯାତ୍ରା ପାଇଁ।

ଜଣେ ସ୍ୱୀକୃତିପ୍ରାପ୍ତ ଛାତ୍ରଙ୍କୁ ପ୍ରାୟ : ପ୍ରତି ମାସରେ ୧୮୦ ଟଙ୍କା (ପୁଅମାନଙ୍କ ପାଇଁ ୧୨ ଶ୍ରେଣୀ ପର୍ଯ୍ୟନ୍ତ; ଝିଅମାନଙ୍କ ପାଇଁ ସ୍ନାତକ ପର୍ଯ୍ୟନ୍ତ)। ଅନୁସୂଚିତ ଜାତି/ଜନଜାତି ଛାତ୍ରମାନଙ୍କ ପାଇଁ ୧୦୦ ଟଙ୍କା (ପୁଅ ମାନଙ୍କ ପାଇଁ ୧୨ ଶ୍ରେଣୀ ପର୍ଯ୍ୟନ୍ତ; ଝିଅମାନଙ୍କ ପାଇଁ ସ୍ନାତକ ପର୍ଯ୍ୟନ୍ତ)

ଏହି ଗୁରୁତ୍ୱପୂର୍ଣ୍ଣ ରିହାତିଗୁଡ଼ିକ ମାସିକ ସିଜିନ ଟିକେଟ (ଏମଏସଟି) କୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଦୈନନ୍ଦିନ ଯାତ୍ରାର ସବୁଠାରୁ ମିତବ୍ୟୟୀ ଏବଂ ଶୃଙ୍ଖଳିତ ମାଧ୍ୟମ କରିଥାଏ।

ଦାୟିତ୍ୱପୂର୍ଣ୍ଣ ଏବଂ ଆଇନଗତ ଯାତ୍ରାକୁ ଉତ୍ସାହିତ କରି ଏହି ପଦକ୍ଷେପକୁ ସମର୍ଥନ କରିବାକୁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ସ୍କୁଲ ଏବଂ କଲେଜ କର୍ତ୍ତୃପକ୍ଷଙ୍କୁ ଆଗ୍ରହର ସହିତ ନିବେଦନ କରୁଛି। ପ୍ରତ୍ୟେକ ଯାତ୍ରା ଏକ ବୈଧ ଟିକେଟ ସହିତ କରାଯିବା ପାଇଁ ସୁନିଶ୍ଚିତ କରିବା କାର୍ଯ୍ୟ ଦେଶର ସାର୍ବଜନୀନ ପରିବହନ ବ୍ୟବସ୍ଥା ପ୍ରତି ଅଖଣ୍ଡତା ଏବଂ ସମ୍ମାନର ଏକ ପ୍ରତୀକ।

# ସ୍ୱତନ୍ତ୍ର କମ୍ ଜିଆଇ ଯୁକ୍ତ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ବରମୁଣ୍ଡାରେ ହେବାକୁ ଥିବା ସ୍ୱତନ୍ତ୍ର କମ୍ ଜିଆଇ ଯୁକ୍ତ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ବିକାଶ ସମ୍ପର୍କରେ ଏକ ବୈଠକ ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଏବଂ ମିଶନ ଶକ୍ତି ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ।

ଏହି ପ୍ରକଳ୍ପଟି ଅତି ନିମ୍ନ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଜିଆଇ) କିସମ ସହିତ ଆଇସିଏଆର ଦ୍ୱାରା ବିକଶିତ ଚାଉଳ ଉପରେ ଧ୍ୟାନ ଦେଉଛି, ଯାହା ସାଧାରଣ ଧାନ ଅପେକ୍ଷା କମ୍ ଜିଆଇଯୁକ୍ତ ଧାନ ପ୍ରକ୍ରିୟାକରଣ କରିବା ଲକ୍ଷ୍ୟ ରଖିଛି। ଭାରତରେ ପ୍ରଥମ ଥର ଏପରି ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ସ୍ଥାପନ ହେବାକୁ ଯାଉଛି । ଏହାର ମୋଟ ପ୍ରକଳ୍ପ ମୂଲ୍ୟ ୯୧,୨୨,୯୧,୨୮୭ ଆକଳନ କରାଯାଇଛି, ନିମ୍ନ ଜିଆଇ ଯୁକ୍ତ ଚାଉଳ ଯେଉଁଥିରେ ୧୦-୧୨% ପ୍ରୋଟିନ୍ ସାମଗ୍ରୀ ଥିବ ସେହିଭଳି ଚାଉଳ ପ୍ରକ୍ରିୟାକରଣ କରିବ।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିମ୍ନ ଜିଆଇ ଯୁକ୍ତ ଚାଉଳର ବୃହତ ଆକାରରେ ଉତ୍ପାଦନ ଓ ପ୍ରକ୍ରିୟାକରଣ ମଧୁମେହ ରୋଗୀ ଏବଂ ଅନ୍ନପ୍ରେମୀଙ୍କ ପାଇଁ ଅଧିକ ଲାଭଦାୟକ ହେବ। ସେହିପରି, ଅଧିକ ପରିମାଣରେ ମାଣ୍ଡିଆ ବା ଶ୍ରୀଅନ୍ନ ଉତ୍ପାଦନ ଉଭୟ ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ପାଇଁ ଲାଭଦାୟକ ହେବ, କାରଣ ଏହାର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି।

କୃଷି ପ୍ରମୁଖ ସଚିବ ଡକ୍ଟର ପାଢୀ କହିଛନ୍ତି ଯେ ଏହି ପଦକ୍ଷେପର ଲକ୍ଷ୍ୟ ଅଧିକ ଲକ୍ଷପତି ଦିଦି (ଲାଭକାରୀ)ଙ୍କୁ ସୃଷ୍ଟି କରିବା କାରଣ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ଏହା ସହିତ ସିଧାସଳଖ ଜଡିତ ହେବେ ଏବଂ ଦେଶବ୍ୟାପୀ ପୁଷ୍ଟିକର ତଥା କମ ଜିଆଇ ପରିମାଣର ଚାଉଳ କିସମକୁ ପ୍ରୋତ୍ସାହିତ କରିବେ।

ସ୍ୱତନ୍ତ୍ର ଚାଉଳ ଏବଂ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନାର ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ କମ୍ ଜିଆଇ ଯୁକ୍ତ କିସମର ବିଶୋଧନ, ଏକତ୍ରୀକରଣ ସହିତ ଜଡିତ ମାର୍କେଟିଂ ରଣନୀତି, କ୍ଲଷ୍ଟର ଉତ୍ପାଦନ ଏବଂ ପ୍ରୋଫାଇଲିଂ ଅନ୍ତର୍ଭୁକ୍ତ। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଏକ ବଜାର ଅଧ୍ୟୟନ ଏବଂ ସିଏଫଏମଏସ୍ ମାଧ୍ୟମରେ ଆର୍ଥିକ ତଦାରଖ କରାଯିବ।

ଅନ୍ୟ ଉପସ୍ଥିତ ବ୍ୟକ୍ତିଙ୍କ ମଧ୍ୟରେ ଆଇସିଏଆରରୁ ଡ ଓ୍ୱାରିୟର, ଆଇଆରଆରଆଇ, ଓଏଆଇସି, ଓୟୁଏଟି, ଇମେଜର ପ୍ରତିନିଧି, କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ ।

# ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର ନ୍ୟୁଜ୍‌ବ୍ୟୁରୋ**

ଇଡ଼କୋ ପ୍ରଦର୍ଶନୀ ପଡିଆ ଠାରେ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ୨୦୨୫ ବୁଧବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଏହି କଳିଙ୍ଗ ହର୍ବାଲ ମେଳା କେବଳ ଏକ ମେଳା ନୁହେଁ, ଏହା ଆମର ପରମ୍ପରା, ଆୟୁର୍ବେଦ ଐତିହ୍ୟ, ଜଙ୍ଗଲ ଓ ପ୍ରକୃତିର ଦାନକୁ ସମ୍ମାନ କରିବାର ଏକ ଅତ୍ୟନ୍ତ ଗର୍ବର ମଞ୍ଚ। ଏହା ଆମ ଓଡ଼ିଶା ମାଟିର, ଆମ ଜନତାଙ୍କ ଜ୍ଞାନ ଓ ସମ୍ପଦର ଏକ ଅପୂର୍ବ ପ୍ରଦର୍ଶନୀ। ଓଡ଼ିଶାକୁ ଦେଶର ଅନ୍ୟତମ ଶୀର୍ଷ ଔଷଧୀୟ ଉଦ୍ଭିଦ ଉତ୍ପାଦର ବଜାର ହିସାବରେ ପରିଚିତ କରିବା ପାଇଁ କଳିଙ୍ଗ ହର୍ବସ ନାମରେ ବ୍ରାଣ୍ଡିଂ କରାଯାଇ ଏହାର ଗୁଣବତ୍ତା, ବିପଣନ ପାଇଁ ରାଜ୍ୟ ବାହାର ସଂସ୍ଥା ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଉଛି.। ଗୁଣାତ୍ମକ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରିବା, ଗବେଷଣାକୁ ପ୍ରୋତ୍ସାହିତ କରିବା ଓ ସ୍ଥାନୀୟ ଚାଷୀମାନଙ୍କୁ ନ୍ୟାୟଯୁକ୍ତ ମୂଲ୍ୟ ପ୍ରଦାନ କରିବା କ୍ଷେତ୍ରରେ କଳିଙ୍ଗ ହର୍ବସ ଅସାଧାରଣ କାର୍ଯ୍ୟ କରିବ ବୋଲି ଆମେ ଆଶାବାଦୀ। କଳିଙ୍ଗହର୍ବାଲ ମେଳା ଏହି ଲକ୍ଷ୍ୟକୁ ଅଧିକ ଗତିଶୀଳ କରିବ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ।

ବିଶିଷ୍ଟ ଅତିଥି ଭାବେ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ପ୍ରେମ କୁମାର ଝା ଏବଂ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ଼. କେ. ମୁରୁଗେଶନ ସେମାନଙ୍କ ଅଭିଭାଷଣରେ ଔଷଧୀୟ ଉଦ୍ଭିଦର ସୁରକ୍ଷା ଏବଂ ପାରମ୍ପରିକ ଔଷଧ ବ୍ୟବସ୍ଥାକୁ ସାମଗ୍ରୀକ ଭାବରେ ଆଗକୁ ବଢ଼ାଇବାରେ ଏହି ଏହି ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା ପ୍ରକଟ କରିଥିଲେ । ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଔଷଧୀୟ ଉଦ୍ଭିଦ କ୍ଷେତ୍ରର ମୁଖ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ସମ୍ପର୍କ, ବ୍ୟବସାୟ, ଶିକ୍ଷା, ଓ ସଚେତନତା ବୃଦ୍ଧି କରିବା : ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନୀ, ସିଦ୍ଧ ଓ ହୋମିଓପାଥିର ପ୍ରଚାର କରିବା ଏବଂ ଦର୍ଶକମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ସୁବିଧା ପ୍ରଦାନ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ କାର୍ତ୍ତିକ ଭି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏବଂ ଉପ ବନ ସଂରକ୍ଷକ ଶ୍ରୀ ଦେବାପ୍ରିୟ କମ୍ପ ଧନ୍ୟବାଦ ଅର୍ପଣ କରିଥଲେ। ସମାରୋହରେ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସରକାରୀ ଆୟୁର୍ବେଦିକ ଓ ହୋମିଓପାଥ୍ ଡାକ୍ତର, ବୈଦ୍ୟ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ। ପ୍ରକାଶ ଥାଇ କି ଚଳିତ ବର୍ଷ ୧୩୦ରୁ ଅଧିକ ଷ୍ଟଲ ସହ ଏହି ମେଳା ରେ ଅଂଶ ଗ୍ରହଣ କରିଛନ୍ତି। ନିଶୁଳ୍କ ଆୟୁର୍ବେଦ, ହୋମିଓପାଥି ଚିକିତ୍ସା, ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନ କୁଇଜ୍ ସଚେତନତା ଅଭିଯାନ, ଔଷଧୀୟ ଉଦ୍ଭିଦ ସମ୍ବନ୍ଧୀୟ ବିଭିନ୍ନ କର୍ମଶାଳା, ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୋଟ ସାତଦିନ ଧରି ଏହି ମେଳା ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦର ପ୍ରଚାର ଓ ପ୍ରସାରରେ ସହାୟକ ହେବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଷ୍ଟ୍ରପତି ଦେଲେ ...

ଜନପ୍ରତିନିଧିମାନେ ଆଚରଣ ଏବଂ ଉଚ୍ଚାରଣରେ ସଂଯମତା ରଖିବାର ଆବଶ୍ୟକତା ରହିଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବିଧାନସଭା ଗୃହକୁ ସମ୍ବୋଧନ କଲାବେଳେ ଏହି ସନ୍ଦେଶ ଦେଇଥିଲେ। ଏହା ସହ ସେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା-ବିକଶିତ ଓଡ଼ିଶା ଗଠନ ପାଇଁ ଏକାଠି ହୋଇ କାମ କରିବାକୁ ମଧ୍ୟ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରପତି ବିଧାନସଭାରେ ପାଖାପାଖି ୧ ଘଣ୍ଟା ପର୍ଯ୍ୟନ୍ତ ତାଙ୍କର ଅଭିଭାଷଣ ପ୍ରଦାନ କରିବା ଭିତରେ ଯେଉଁ ଦୁଇପଦ କଥା ବିଧାୟକମାନଙ୍କ ଉଦ୍ଦେଶ୍ୟରେ ଉଲ୍ଲେଖ କରିଥିଲେ, ତାହାକୁ ଗୃହରେ ଉପସ୍ଥିତ ଥିବା ସମସ୍ତ ବିଧାୟକ ବିଧାୟିକା, ମନ୍ତ୍ରୀମଣ୍ଡଳର ସଦସ୍ୟଗଣଙ୍କ ସମେତ ପୂର୍ବତନ ମନ୍ତ୍ରୀ, ବିଧାୟକ, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିବିଶେଷମାନେ ସମସ୍ତେ ଶୁଣିଥିଲେ। ଏହି ସନ୍ଦେଶ ସମସ୍ତଙ୍କୁ ବିମୋହିତ କରିଥିଲା। ବିଶେଷକରି ବିଧାନସଭା ସଦସ୍ୟମାନେ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ସାମୟିକ ଭାବେ ହେଲେ ମଧ୍ୟ ଗ୍ରହଣ କରିଥିଲେ।

ବିଧାନସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପୂର୍ବରୁ ପ୍ରଥମେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବକ୍ତବ୍ୟ ରଖିବା ପାଇଁ ବାଚସ୍ପତି ସୁଯୋଗ ଦେଇଥିଲେ। ଶ୍ରୀ ପଟ୍ଟନାୟକ ମହାମହିମ ରାଷ୍ଟ୍ରପତି ଏ ମାଟିର, ସେ ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ଏ ମାଟି ଗୌରବାନ୍ୱିତ ବୋଲି କହି ତାଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କ ସାମଗ୍ରିକ ଜୀବନ ଅନୁକରଣୀୟ ବୋଲି କହିଥିଲେ। ବାଚସ୍ପତି ସୁରମା ପାଢୀଙ୍କ ସମେତ ଦଳମତ ନିର୍ବିଶେଷରେ ଗୃହରେ ସବୁ ଦଳର ବିଧାୟକମାନେ ରାଷ୍ଟ୍ରପତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ଅଧିବେଶନର ପରବର୍ତ୍ତୀ ଦିବସ ଗୁଡ଼ିକରେ ରାଷ୍ଟ୍ରପତିଙ୍କ ସନ୍ଦେଶକୁ ମନେ ପକାଇ ମନ୍ତ୍ରୀ ଓ ବିଧାୟକମାନେ ଗୃହ କାର୍ଯ୍ୟରେ ମନୋନିବେଶ କରିଥିଲେ।

ନଭେମ୍ବର ୨୭ ତାରିଖରେ ଆରମ୍ଭ ହୋଇଥିବା ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିଲା ବେଳେ ମାତ୍ର ୧୧ ଦିନର କାର୍ଯ୍ୟକ୍ରମ ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଯଦିଓ ଗୃହ ପାଇଁ ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିଲା, ହେଲେ ବିଧାୟକମାନେ ଅଧିବେଶନ ସରିଯିବାରୁ ସେମାନଙ୍କ ପ୍ରଶ୍ନ, ସବ୍‌ମିଶନ ଓ ମୁଲତବୀ ପ୍ରସ୍ତାବ ଆଦିର ଉତ୍ତର ପାଇବାରୁ ବଞ୍ଚିତ ହେଲେ। ୨୮ ତାରିଖ ଅର୍ଥାତ୍ ଅଧିବେଶନର ଦ୍ୱିତୀୟ କାର୍ଯ୍ୟଦିବସରେ ମୁଖ୍ୟମନ୍ତ୍ରୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭ ହଜାର ୪୪୦ କୋଟିର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଆଗତ କରିଥିଲେ ଏବଂ ଏହା ଉପରେ ଡିସେମ୍ବର ୮ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ ହୋଇଥିଲା। ୧୧ ଦିନ ପାଇଁ ଚାଲିଥିବା ଅଧିବେଶନ କାଳରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା ସହିତ ୭ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ଏବଂ ଦୁଇଟି ସଂକଳ୍ପ ସର୍ବସମ୍ମତକ୍ରମେ ପାରିତ ହୋଇଥିଲା। ବିରୋଧୀ ଦଳରୁ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ଗଣେଶ୍ୱର ବେହେରା, ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରିଥିଲେ। ମୁଖ୍ୟତଃ ଆଇନ ଶୃଙ୍ଖଳା ପରିସ୍ଥିତି, ମାଲକାନଗିରି ଜିଲ୍ଲାର ଏମ୍‌ଭି-୨୬ ଗ୍ରାମରେ ଜାତିଗତ ସଂଘର୍ଷ, ପୋଡ଼ାଜଳା ଓ ହତ୍ୟାକାଣ୍ଡ ଘଟଣାକୁ ନେଇ ବିରୋଧୀ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବି କରାଯାଇଥିଲା। ସେହିପରି ଗୃହରେ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗ, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ପରେ ଗୃହୀତ ହୋଇଥିବା ବେଳେ ୬ଟି ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ମଧ୍ୟ ଗୃହରେ ଆଲୋଚନା ହୋଇଥିଲା।

## ୟୁନେସ୍କୋ...

ଏକ ଅଂଶ ହୋଇ, ଦୀପାବଳି ବିଶ୍ୱବ୍ୟାପୀ ଆହୁରି ଅଧିକ ଲୋକପ୍ରିୟତା ହାସଲ କରିବ। ମୁଁ ଆଶା କରୁଛି ଯେ ପ୍ରଭୁ ଶ୍ରୀ ରାମଙ୍କ ଆଦର୍ଶ ଏହି ଅନନ୍ତ ପଥରେ ଆମକୁ ମାର୍ଗଦର୍ଶନ କରିଚାଲିବ।

ତେବେ ୟୁନେସ୍କୋର ଏହି ବୈଠକ ଡିସେମ୍ବର ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୟୁନେସ୍କୋ ଆଇସିଏଚ୍ ତାଲିକାରେ ସଂଶୋଧନ କରି ଦୀପାବଳିକୁ ଅନ୍ତର୍ଭୁକ୍ତ କରିବା ମାତ୍ରେ, ସବୁଠି ବନ୍ଦେ ମାତରମ୍ ଏବଂ ଭାରତ ମାତା କି ଜୟ ଧ୍ୱନି ଗୁଞ୍ଜରିତ ହୋଇଛି। ୟୁନେସ୍କୋ ବର୍ତ୍ତମାନ୍ ପର୍ଯ୍ୟନ୍ତ ୧୫ଟି ଭାରତୀୟ ସାଂସ୍କୃତିକ ଐତିହ୍ୟ ସ୍ଥାନକୁ ସାଂସ୍କୃତିକ ତାଲିକାରେ ଅନ୍ତର୍ଭୁକ୍ତ କରିଛି। କୁମ୍ଭମେଳା, ବଙ୍ଗଳାର ଦୁର୍ଗା ପୂଜା, ଗୁଜୁରାଟର ଗରବା, ଯୋଗ, ରାମଲୀଳା ଏବଂ ବୈଦିକ ମନ୍ତ୍ର ଉଚ୍ଚାରଣ ଅନ୍ତର୍ଭୁକ୍ତ। ରାମାୟଣର ପାରମ୍ପରିକ ପ୍ରଦର୍ଶନ ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି।

## ଭୁବନେଶ୍ୱର ସମେତ...

ଏହି ଯୋଜନାଗୁଡ଼ିକ ଯୋଜନାବଦ୍ଧ ଏବଂ ସୁବ୍ୟବସ୍ଥିତ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବ ଏବଂ ନାଗରିକମାନଙ୍କ ପାଇଁ ସାର୍ବଜନୀନ ସୁବିଧାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ଟିପି ପଦକ୍ଷେପ 'ସମୃଦ୍ଧ ସହର' କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ବ୍ୟବସ୍ଥିତ ଭୂମି ପୁନର୍ଗଠନ ଏବଂ ଯୋଜନାବଦ୍ଧ ସମ୍ପ୍ରସାରଣ ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳଗୁଡ଼ିକୁ ବିକାଶ କେନ୍ଦ୍ରରେ ପରିଣତ କରିବ। ଏହି ଯୋଜନାଟି ବ୍ୟାପକ ବିକାଶ ଯୋଜନା (ସିଡ଼ିପି) ୨୦୧୦ର ଲକ୍ଷ୍ୟ ରଖି ହୋଇଛି, ଯାହା ଭୁବନେଶ୍ୱର ବିକାଶ ଅଞ୍ଚଳ ଚାରିପାଖରେ ୬୫ କିଲୋମିଟର ଏକ ରିଙ୍ଗ ରୋଡ ନିର୍ମାଣର ପ୍ରସ୍ତାବ ରହିଛି।

ମନ୍ତ୍ରୀ କହିଛନ୍ତି ଯେ ଏହି ଟିପି ସ୍କିମ୍ କେବଳ ସଂଯୋଗୀକରଣ ଏବଂ ବାସସ୍ଥାନକୁ ଉନ୍ନତ କରିବ ନାହିଁ ବରଂ ମାଲିକମାନଙ୍କ ଦ୍ୱାରା ସଂରକ୍ଷିତ ଜମିର ବଜାର ମୂଲ୍ୟକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ। ସେହିପରି ଭୁବନେଶ୍ୱର ସମେତ, କଟକ, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର ମହାନଗର ନିଗମରେ ମଧ୍ୟ ସହର ପରିକଳ୍ପନା ଯୋଜନା କାର୍ଯ୍ୟକାରୀ ହେବ। ସେହିଭଳି ଖୁବ୍ ଶୀଘ୍ର ପୁରୀରେ ବି ଏହି ଟିପି ଯୋଜନା କାର୍ଯ୍ୟକାରୀ ହେବା ନେଇ ଏହି ଅବସରରେ ମନ୍ତ୍ରୀ କହିଛନ୍ତି ।

ଡକ୍ଟର ମହାପାତ୍ର ନୂତନ ସହର (ନିଉ ସିଟି)ପ୍ରକଳ୍ପର ଅଗ୍ରଗତି ମଧ୍ୟ ସମୀକ୍ଷା କରିଥିଲେ, ଯାହା ଗୋଠପାଟଣା, ଦାସପୁର ଏବଂ ମଳିପଡ଼ାରେ ପ୍ରାୟ ୮୦୦ ଏକର ଜମିରେ ବିକଶିତ ହେବ। ଏହି ପ୍ରକଳ୍ପର ଲକ୍ଷ୍ୟ ଏକ ସହରାଞ୍ଚଳ ଇକୋସିଷ୍ଟମ ସୃଷ୍ଟି କରିବା ଯାହା ଭୁବନେଶ୍ୱର ବିକାଶ ଯୋଜନା କ୍ଷେତ୍ର ମଧ୍ୟରେ ବହୁମୁଖୀ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ସେ ବିଭାଗୀୟ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ ଏବଂ ସମୟସୀମା ସମାପ୍ତ କରିବା ଓ ଯୋଜନା ମାନଦଣ୍ଡର କଡ଼ା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମନ୍ତ୍ରୀ ସୂଚନା ଦେଇଥିଲେ ଯେ ସିଙ୍ଗାପୁର-ଭିତ୍ତିକ ସୁବର୍ଣ୍ଣ ଜୁରୋଙ୍ଗ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି, ଯାହା ଏହି ଐତିହାସିକ ସହରାଞ୍ଚଳ ପଦକ୍ଷେପ ପାଇଁ ବୈଷୟିକ ବିଶେଷଜ୍ଞତା ପ୍ରଦାନ କରିବ। ବିଶ୍ୱସ୍ତରୀୟ ଫାର୍ମ ଜେ.ଏଲ.ଏଲ ସହାୟତାରେ ପ୍ରକଳ୍ପ ପାଇଁ ଏକ ବଜାର ସମ୍ଭାବ୍ୟତା ଅଧ୍ୟୟନ ପୂର୍ବରୁ କରାଯାଇଛି।

# ଓୟୁଏଟିର ପବ୍ଲିକ ଇନଫରମେସନ ଅଫିସର ଓଡ଼ିଶା ଆରଟିଆଇ କମିଶନରଙ୍କ ଦ୍ୱାରା ଦଣ୍ଡିତ

**ଭୁବନେଶ୍ୱର ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଆରଟିଆଇ କମିଶନରଙ୍କ ନିକଟରେ ଅଭିଯୋଗ କରିଥିବା ସଂଯୁକ୍ତା ପାଢୀଙ୍କର ଏକ ଅଭିଯୋଗ ଶୁଣାଣିର ନିଷ୍ପତ୍ତି ଗତ ୧୫ ଅକ୍ଟୋବର,୨୦୨୫ ଅନୁଯାୟୀ, ଅଶୋକ କୁମାର ମଲ୍ଲିକ ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି, ଭୁବନେଶ୍ୱର ଆରଟିଆଇ ଆଇନର ଧାରା ୨୦ ଅନୁଯାୟୀ ତାଙ୍କୁ ୧୦ ହଜାର ଟଙ୍କା ଜରିମନା ଦଣ୍ଡରେ ଦଣ୍ଡିତ କରାଇଛନ୍ତି ଓ ଅତିଶୀଘ୍ର ସେହି ଟଙ୍କାଟିଙ୍କୁ ଓଡ଼ିଶା ଟ୍ରେଜେରୀ, ଭୁବନେଶ୍ୱର ଶାଖାରେ ଦାଖଲ କରି କମିଶନରଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ରହିଛି। ଅନାଦେୟ ପାଇଁ ଓୟୁଏଟିର କୂଳପତିଙ୍କୁ ତାଙ୍କ ପେନସନରୁ ୨ଟି କିସ୍ତିରେ ଡିସେମ୍ବର ୨୦୨୫ ଓ ଜାନୁଆରୀ ୨୦୨୬ରେ କାଟିବା ପାଇଁ ନିର୍ଦ୍ଦେଶ ରହିଛି। ଅଶୋକ କୁମାର ମଲ୍ଲିକ ନିଜର ତ୍ରୁଟିଗତ ସମସ୍ୟା, ଅଭିଯୋଗକାରୀମାନଙ୍କ ପ୍ରତି ବେଖାତିର ମନୋଭାବ ଓ କମିଶନରଙ୍କର କାରଣ ଦର୍ଶାଅ ଆଦେଶର ଅବମାନନା ଇତ୍ୟାଦି ବିଷୟକୁ ନେଇ ବିଭିନ୍ନ ବିଚାର ବିମର୍ଷ ଓ ଅଭିଯୋଗର ଅନୁସନ୍ଧାନ କରି ଓୟୁଏଟିର ଉଚ୍ଚପଦସ୍ଥ ଅଧିକାରୀ ତଥା ବର୍ତ୍ତମାନର ଓ ଓୟୁଏଟିର କୂଳସଚିବ ପ୍ରତିଭା ଡୋରା ଓ ଆସିଷ୍ଟାଣ୍ଟ କୂଳସଚିବ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କ ସମ୍ମୁଖରେ ଉପଭୋକ୍ତା ଦଣ୍ଡ ଘୋଷଣା କରିଛନ୍ତି।

# ଖୋର୍ଦ୍ଧା ରୋଡ୍ ଡିଭିଜନରେ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ କରାଯାଇଛି। ବିଶ୍ୱସନୀୟତା ଏବଂ ଯାତ୍ରୀ ସୁରକ୍ଷାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିକରଣରେ ନିରାପଦ ଏବଂ ଦକ୍ଷ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପଗୁଡିକ ଆବଶ୍ୟକ। ତଦନୁସାରେ, ଡିସେମ୍ବର ୨୦୨୫ରେ କେତେକ ଟ୍ରେନ୍ ବାତିଲ ହେବ। ସହିତ ମନୋନୀତ ତାରିଖରେ ଟ୍ରେନଗୁଡିକର ସଂକ୍ଷିପ୍ତ ଉତ୍ପତ୍ତି/ଅବଧି ହେବ।



ଟ୍ରେନ ବାତିଲ - ଡିସେମ୍ବର ୨୦୨୫ରେ ନିର୍ଦ୍ଦିଷ୍ଟ ତାରିଖରେ ବାତିଲ୍ ହେବାକୁଥିବା ନିମ୍ନଲିଖିତ ଯାତ୍ରୀବାହୀ ଟ୍ରେନଗୁଡ଼ିକ :

୬୮୪୧୯ ଭୁବନେଶ୍ୱର-ପଲାସା ମେମୁ ୯, ୧୧, ୧୪, ୧୫, ୧୬, ୧୮, ୨୧, ୨୨, ୨୩, ୨୫, ୨୮, ୨୯ ଏବଂ ୩୦ ଡିସେମ୍ବର ୨୦୨୫ ରେ ବାତିଲ୍ ରହିବ। ୬୮୪୨୦ ପଲାସା-ଭୁବନେଶ୍ୱର ମେମୁ ୧୦, ୧୨, ୧୫, ୧୬, ୧୭, ୧୯, ୨୨, ୨୩, ୨୪, ୨୬, ୨୯, ୩୦ ଏବଂ ୩୧ ଡିସେମ୍ବର ୨୦୨୫ ରେ ବାତିଲ୍ ରହିବ।

ନିମ୍ନଲିଖିତ ଟ୍ରେନଗୁଡ଼ିକ ୧୧, ୧୨, ୧୫, ୧୬, ୧୮, ୧୯, ୨୨, ୨୩, ୨୫, ୨୬, ୨୯ ଏବଂ ୩୦ ଡିସେମ୍ବର ୨୦୨୫ ରେ ବାତିଲ୍ ରହିବ।

୧୮୦୨୧ ଖଡ଼ଗପୁର- ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ। ୧୮୦୨୨ ଖୋର୍ଦ୍ଧା ରୋଡ୍ - ଖଡ଼ଗପୁର ଏକ୍ସପ୍ରେସ। ୬୮୪୨୪ କଟକ - ଭଦ୍ରକ ମେମୁ। ୬୮୪୨୩ ଭଦ୍ରକ - କଟକ ମେମୁ।

ସଂକ୍ଷିପ୍ତ-ଉତ୍ପତ୍ତି/ସଂକ୍ଷିପ୍ତ-ଅବଧି : ନିମ୍ନଲିଖିତ ମେମୁ ଏବଂ ପାସେଞ୍ଜର ଟ୍ରେନଗୁଡ଼ିକ ନିମ୍ନଲିଖିତ ତାରିଖରେ ସୂଚାଯାଇଥିବା ଷ୍ଟେସନରେ ସଂକ୍ଷିପ୍ତ-ଉତ୍ପତ୍ତି/ ସଂକ୍ଷିପ୍ତ-ଅବଧି କରିବ:

୫୮୫୩୨ ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ୯, ୧୧, ୧୪, ୧୫, ୧୬, ୧୮, ୨୧, ୨୨, ୨୩, ୨୫, ୨୮, ୨୯ ଏବଂ ୩୦ ଡିସେମ୍ବର ୨୦୨୫ ରେ ବ୍ରହ୍ମପୁର ପରିବର୍ତ୍ତେ ପଲାସାରେ ସଂକ୍ଷିପ୍ତ ଅବଧି କରିବ। ୫୮୫୩୧ ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ୧୦, ୧୨, ୧୫, ୧୬, ୧୭, ୧୯, ୨୨, ୨୩, ୨୪, ୨୬, ୨୯, ୩୦ ଏବଂ ୩୧ ଡିସେମ୍ବର ୨୦୨୫ ରେ ବ୍ରହ୍ମପୁର ପରିବର୍ତ୍ତେ ପଲାସାରୁ ସଂକ୍ଷିପ୍ତ-ଉତ୍ପତ୍ତି ହେବ। ୬୮୪୪୫ କଟକ-ପଲାସା ମେମୁ ୯, ୧୧, ୧୪, ୧୫, ୧୬, ୧୮, ୨୧, ୨୨, ୨୩, ୨୫, ୨୮, ୨୯ ଏବଂ ୩୦ ଡିସେମ୍ବର ୨୦୨୫ ରେ ସୋମପେଟାରେ ସଂକ୍ଷିପ୍ତ-ଅବଧି ହେବ। ୬୮୪୪୬ ପଲାସା-କଟକ ମେମୁ ୧୦, ୧୨, ୧୫, ୧୬, ୧୭, ୧୯, ୨୨, ୨୩, ୨୪, ୨୬, ୨୯, ୩୦ ଏବଂ ୩୧ ଡିସେମ୍ବର ୨୦୨୫ ରେ ସୋମପେଟାରୁ ସଂକ୍ଷିପ୍ତ-ଉତ୍ପତ୍ତି ହେବ। ୬୮୪୧୧/୬୮୪୧୨ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ୧୦, ୧୨, ୧୫, ୧୬, ୧୭, ୧୯, ୨୨, ୨୩, ୨୪, ୨୬, ୨୯, ୩୦ ଏବଂ ୩୧ ଡିସେମ୍ବର ୨୦୨୫ରେ ବାଲୁଗାଁ ଷ୍ଟେସନରେ ସଂକ୍ଷିପ୍ତ-ଉତ୍ପତ୍ତି ଓ ସଂକ୍ଷିପ୍ତ-ଅବଧି କରିବ।

ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ସରକାରୀ ରେଳବାଇ ତଦନ୍ତ ପ୍ରଣାଳୀ, ୱେବସାଇଟ୍ କିମ୍ବା ହେଲ୍ପଲାଇନ୍ ମାଧ୍ୟମରେ ସେମାନଙ୍କ ଟ୍ରେନ୍‌ର ସ୍ଥିତି ଯାଞ୍ଚ କରନ୍ତୁ। ପୂର୍ବତଟ ରେଳପଥ ଯାତ୍ରୀମାନଙ୍କ ସହଯୋଗ ଆବଶ୍ୟକ କରୁଛି, କାରଣ ଏହି ଅସ୍ଥାୟୀ ପରିବର୍ତ୍ତନଗୁଡ଼ିକ ବର୍ଦ୍ଧିତ ସୁରକ୍ଷା ଏବଂ ଉନ୍ନତ ସମୟାନୁବର୍ତ୍ତିତା ଭଳି ଦୀର୍ଘକାଳୀନ ଲାଭ ପାଇଁ ଆବଶ୍ୟକ।

ପୂର୍ବତଟ ରେଳପଥ ନିରାପଦ, ଦ୍ରୁତ ଏବଂ ଅଧିକ ନିର୍ଭରଯୋଗ୍ୟ ଟ୍ରେନ୍ ସେବା ପ୍ରଦାନ କରିବା ପାଇଁ ଏହାର ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ପ୍ରତିବଦ୍ଧ।

ଭୁବନେଶ୍ୱର
୧୧ ଡିସେମ୍ବର,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସରପଞ୍ଚ ପ୍ରାର୍ଥୀ ଓଡ଼ିଆ ପଢ଼ିବା, ଲେଖିବା ବାଧ୍ୟତାମୂଳକ : ଓଡ଼ିଶା ହାଇକୋର୍ଟ

**କଟକ, ୧୦।୧୨:ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ଓଡ଼ିଆ ଭାଷାରେ ପଢ଼ିବା ଏବଂ ଲେଖିବା ଜାଣିବା ଅତ୍ୟନ୍ତ ଆବଶ୍ୟକ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଓଡ଼ିଆରେ ସାକ୍ଷରତା ଅଭାବରୁ ବିଷ୍ଣୁପୁର ଗ୍ରାମ ପଞ୍ଚାୟତର ମହେଶ୍ୱର ଜେନାଙ୍କ ଅଯୋଗ୍ୟତାକୁ ହାଇକୋର୍ଟ କାଏମ ରଖିବା ସହିତ ନୂତନ ନିର୍ବାଚନ ପାଇଁ ରାସ୍ତା ଖୋଲିଛନ୍ତି।

ନ୍ୟାୟାଳୟ କହିଛନ୍ତି ଯେ ରାଜ୍ୟର ସରକାରୀ ଭାଷାରେ ପଢ଼ିବା ଏବଂ ସାକ୍ଷରତା ଆଇନ ଦ୍ୱାରା ଲଗାଯାଇଥିବା ଏକ ଅତ୍ୟାବଶ୍ୟକ ଆବଶ୍ୟକତା ଏବଂ



ଏହାକୁ ବାଦ୍ ଦିଆଯାଇପାରିବ ନାହିଁ।

ଖଣ୍ଡପିଠ କହିଛନ୍ତି, "ଯଦି ଜଣେ ବ୍ୟକ୍ତି ଓଡ଼ିଆ ପଢ଼ିବାକୁ ଅକ୍ଷମ ହୁଅନ୍ତି, ତେବେ ସେ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ହେବେ। କେବଳ ଓଡ଼ିଆ ପଢ଼ିବାର କ୍ଷମତା ଯଥେଷ୍ଟ ନୁହେଁ। ଓଡ଼ିଆ ଲେଖିବାର ଅକ୍ଷମତା ମଧ୍ୟ ଅଯୋଗ୍ୟତାକୁ ଆକର୍ଷିତ କରେ।"

"ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪'ର ଧାରା ୧୧ ଅନୁଯାୟୀ ସରପଞ୍ଚଙ୍କ ଦାୟିତ୍ୱ ତୁଲାଇବା ପାଇଁ ଓଡ଼ିଆ ପଢ଼ିବା ଏବଂ ଲେଖିବାର କ୍ଷମତା ଆବଶ୍ୟକ ବୋଲି ଅଦାଲତ ମତ ଦେଇଛନ୍ତି।

ମହେଶ୍ୱର ଜେନା ବାଲେଶ୍ୱର ସିଭିଲ ଜଜଙ୍କ ଏପ୍ରିଲ ୨୦, ୨୦୨୪ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯାଇଥିଲେ। ତଳ କୋର୍ଟ ଜେନାଙ୍କର ଲିଖିତ ଓଡ଼ିଆର ନମୁନାକୁ ଭିତ୍ତି କରି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ, କାରଣ ତାଙ୍କ ଲେଖା "କୌଣସି ଅର୍ଥ ପ୍ରକାଶ କରୁ ନ ଥିଲା।" ହାଇକୋର୍ଟ ତଳ କୋର୍ଟର ରାୟକୁ ସମର୍ଥନ କରିଛନ୍ତି।

ତେବେ, ଏହି ଅଯୋଗ୍ୟତା ସ୍ଥାୟୀ ନୁହେଁ। ଯଦି ବ୍ୟକ୍ତି ଜଣକ ଭବିଷ୍ୟତରେ ଓଡ଼ିଆ ପଢ଼ିବା ଓ ଲେଖିବା କ୍ଷମତା ହାସଲ କରନ୍ତି, ତେବେ ଏହି ଅଯୋଗ୍ୟତା ଦୂର ହୋଇପାରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

# ଓଡ଼ିଶାରେ ୧୧୧ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମଧ୍ୟରୁ ୪୭ଟି କାର୍ଯ୍ୟକ୍ଷମ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦।୧୨**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ୧୧୧ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ମଞ୍ଜୁରୀ ମିଳିଛି। ଏଥିମଧ୍ୟରୁ ୪୭ଟି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇସାରିଥିବା ବେଳେ ୬୪ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଜାରି ରହିଛି। କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ରାଜ୍ୟସଭାରେ ଏକ ଅତାରକିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣରେ ବିଳମ୍ବର ମୁଖ୍ୟ କାରଣ ହେଉଛି ଉପଯୁକ୍ତ ଜମି ଉପଲବ୍ଧ ନହେବା, ସଠିକ ଆପ୍ରୋଚ୍ ରୋଡ୍ ନିର୍ମାଣ କରାନଯିବା ଏବଂ ଭୌଗଳିକ ସମସ୍ୟା।

ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଶିକ୍ଷା ସମିତି (ଏନଇଏସଟିଏସ) ସର୍ବଭାରତୀୟ ସ୍ତରରେ ଏକଲବ୍ୟ ବିଦ୍ୟାଳୟ କର୍ମଚାରୀ ଚୟନ ପରୀକ୍ଷା (ଇଏସଏସଇ)-୨୦୨୩ ମାଧ୍ୟମରେ ୧୦,୩୯୧ ପଦବୀରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ପ୍ରଥମ ଅଭିଯାନ କାର୍ଯ୍ୟକାରୀ କରୁଛି। ଏହା ଅଧୀନରେ ବିଭିନ୍ନ ବିଦ୍ୟାଳୟରେ ମନୋନୀତ ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ୭୨୬୭ ଶିକ୍ଷକ ଏବଂ ଅଣ-ଶିକ୍ଷକ ପଦବୀ ପୂରଣ ପାଇଁ ଇଏସଏସଇ-୨୦୨୫ର ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ଏହାସହିତ, କର୍ମଚାରୀମାନଙ୍କୁ ଡେପୁଟେସନରେ ଏବଂ ଆଉଟସୋର୍ସିଂ ଆଧାରରେ ନିୟୋଜିତ କରିବା ଲାଗି ରାଜ୍ୟ ସରକାରଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି, ଯାହାଦ୍ୱାରା ଶୈକ୍ଷିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବ ନାହିଁ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଆଦିବାସୀ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ, ଏହି ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ ଶ୍ରେଣୀଗୃହ, ଆଧୁନିକ ପାଠାଗାର, ବିଜ୍ଞାନ ଓ କମ୍ପ୍ୟୁଟର ପ୍ରୟୋଗଶାଳା, ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ଆବାସିକ ସୁବିଧା, କ୍ରୀଡ଼ା, କଳା ଏବଂ ସଙ୍ଗୀତ ଭଳି କାର୍ଯ୍ୟକଳାପ ନିମନ୍ତେ ସୁବିଧା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବୃତ୍ତିଗତ ତାଲିମ ଭଳି ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଛି। ସେହିପରି ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ତାଲିମ କାର୍ଯ୍ୟକ୍ରମ ଏବଂ କର୍ମଶାଳା ମଧ୍ୟ ଆୟୋଜିତ କରାଯାଉଛି।




ସମ୍ବଲପୁର : ଓଡ଼ିଶା ମାନବାଧିକାର କମିଶନ ପକ୍ଷରୁ ଆୟୋଜିତ ବିଶ୍ୱ ମାନବାଧିକାର ଦିବସ-୨୦୨୫ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ। ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରସଂସଦର ସଭାପତି, ପୂର୍ବତନ ଡିଜି ତଥା ଓପିଏସସିର ପୂର୍ବତନ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି ଅଭିଭାଷଣ ପ୍ରଦାନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଭାରତରେ ନିବେଶ ପାଇଁ ମୋଦୀଙ୍କ ସହ ଆଲୋଚନା କଲେ ମାଇକ୍ରୋସଫ୍ଟ ସିଇଓ

**ନୂଆଦିଲ୍ଲୀ, ୧୦।୧୨**

ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା କହିଛନ୍ତି ଯେ, ସେ ଭାରତରେ ଡାଟା ସେଣ୍ଟର ସ୍ଥାପନ କରୁଥିବା କମ୍ପାନୀ ଗୁଡିକର କ୍ଷମତା ବିଷୟରେ ଜାଣି ଉତ୍ସାହିତ ଏବଂ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ନିବେଶ ଯୋଜନା ବିଷୟରେ ଆଲୋଚନା କରିଛନ୍ତି।

ଭାରତରେ ୧୭.୫ ବିଲିୟନ ଡଲାର ନିବେଶ କରିବ ମାଇକ୍ରୋସଫ୍ଟ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ସତ୍ୟ ନାଡେଲା ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି। ସେ ଏହାକୁ ଏସିଆ ମହାଦେଶରେ କମ୍ପାନୀର ସର୍ବବୃହତ ନିବେଶ ବୋଲି କହିଛନ୍ତି। ଶ୍ରୀ ନାଡେଲା ୨୦୩୦ ସୁଦ୍ଧା ଦେଶର ଏଆଇ-ଫାର୍ଷ୍ଟ-ଫ୍ୟୁଚର ପାଇଁ ଭିତ୍ତିଭୂମି ଏବଂ ସାର୍ବଭୌମ କ୍ଷମତା ନିର୍ମାଣରେ ସାହାଯ୍ୟ କରିବା ପାଇଁ ୧୭.୫ ବିଲିୟନ ଡଲାର ନିବେଶ ଘୋଷଣା କରିଛନ୍ତି। ଯାହା ଗତ ଦୁଇ ମାସ ମଧ୍ୟରେ ଦେଶରେ ତୃତୀୟ ପ୍ରମୁଖ ଏଆଇ-ଚାଳିତ ନିବେଶ। ସେ କହିଛନ୍ତି, ହେବାକୁ ଥିବା ସମସ୍ତ ଡାଟା ସେଣ୍ଟର କ୍ଷମତା ବିଷୟରେ ଜାଣି ଆମେ ବହୁତ ଉତ୍ସାହିତ। ପୁଣେ, ଚେନ୍ନାଇ ଏବଂ ମୁମ୍ବାଇରେ ଆମର ପୂର୍ବରୁ ପ୍ରକଳ୍ପ ଅଛି। ଆମେ ହାଇଦ୍ରାବାଦରେ ଦକ୍ଷିଣ ଭାରତ କେନ୍ଦ୍ରୀୟ କ୍ଲାଉଡ୍ କ୍ଷେତ୍ର କରିବାକୁ ଯାଉଛୁ। ଯାହା ପରବର୍ତ୍ତୀ ବର୍ଷ ଆରମ୍ଭ ହେବାକୁ ଯାଉଛି ବୋଲି ଶ୍ରୀ ନାଡେଲା ନୂଆଦିଲ୍ଲୀରେ ଏକ ମାଇକ୍ରୋସଫ୍ଟ କାର୍ଯ୍ୟକ୍ରମରେ କହିଛନ୍ତି। ନିବେଶ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ବିଷୟରେ ସେ କହିଥିଲେ ଯେ, ଆମେ ଏହି ନିବେଶ ପାଇଁ ପ୍ରକୃତରେ ଉତ୍ସାହିତ। ଗତକାଲି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ସହ ନିବେଶ ବିଷୟରେ ଆମର ଉତ୍ସାହ ବିଷୟରେ ଆଲୋଚନା କରିବାର ସୁଯୋଗ ପାଇଲି ବୋଲି ଶ୍ରୀ ନାଡେଲା କହିଛନ୍ତି। ଭାରତ ଡିଜିଟାଲ୍ କ୍ଷେତ୍ରରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେଉଥିବା ବେଳେ, ମାଇକ୍ରୋସଫ୍ଟ ଭାରତୀୟ ଗ୍ରାହକମାନଙ୍କ ପାଇଁ ସାର୍ବଭୌମ ପବ୍ଲିକ୍ କ୍ଲାଉଡ୍ ଏବଂ ସାର୍ବଭୌମ ପ୍ରାଇଭେଟ୍ କ୍ଲାଉଡ୍ ପ୍ରଚଳନ କରୁଛି। ମୁଁ ଭାବୁଛି ଯେ ଲୋକମାନେ ସାର୍ବଭୌମତ୍ୱ ସହିତ ବିଶ୍ୱସ୍ତରୀୟ ସାଇବର ସୁରକ୍ଷା ଏବଂ ସାଇବର ସ୍ଥିରତା ମଧ୍ୟ ସୁନିଶ୍ଚିତ କରିବାକୁ ଚାହୁଁଛନ୍ତି।

## ବିଜୟ ପାଇଁ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଲେ ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୧୦।୧୨**
**ନ୍ୟୁଜ୍‌ବ୍ୟୁରୋ**

ବିରୋଧୀ ଦଳର ନେତା ନେତା ନବୀନ ପଟ୍ଟନାୟକ କଟକର ବାରବାଟି ଷ୍ଟାଡିୟମ୍‌ରେ ଆୟୋଜିତ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଉପରେ ଟିମ୍ ଇଣ୍ଡିଆର ୧୦୧ ରନ୍‌ର ଦମଦାର ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

ସୋସିଆଲ୍ ମିଡିଆରେ ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ, ଟିମ୍‌ର ଉତ୍କୃଷ୍ଟ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି ଓ ଆଶା ବ୍ୟକ୍ତ କରିଛନ୍ତି ଯେ ଭାରତୀୟ ଦଳ ସିରିଜରେ ଏହି ବିଜୟ ଲୟକୁ ଜାରି ରଖିବ। ସେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ଏହି ସୁନ୍ଦର ଆରମ୍ଭ ଟିମ୍ ଇଣ୍ଡିଆକୁ ସିରିଜ ବିଜୟ ଦିଗରେ ଆଗେଇ ନେବ।

# କିଟ୍‌କୁ ମର୍ଯ୍ୟାଦାଜନକ ସିଆଇଆଇ ପୁରସ୍କାର

**ଭୁବନେଶ୍ୱର, ୧୦।୧୨**
**ନ୍ୟୁଜ୍‌ବ୍ୟୁରୋ**

ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ବର୍ଷର ଶ୍ରେଷ୍ଠ ସ୍ପୋର୍ଟ୍ସ ଷ୍ଟାଡିୟମ୍/ଏରେନା ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ତୃତୀୟ ସିଆଇଆଇ ସ୍ପୋର୍ଟ୍ସ ବିଜନେସ୍ ଆୱାର୍ଡସ୍ ୨୦୨୫ରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶରେ କିଟ୍‌ର ଉଲ୍ଲେଖନୀୟ ଅବଦାନ ଏବଂ ଭାରତରେ କ୍ରୀଡ଼ା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଦିଗରେ କିଟ୍‌ର ନିରନ୍ତର ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରେ।



୧୦ମ ସିଆଇଆଇ ସ୍କୋରକାର୍ଡ ୨୦୨୫ ସମାପ୍ତ ହୋଇଥିବା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କିଟ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ର ମନ୍ତ୍ରୀ, ବରିଷ୍ଠ ସରକାରୀ ପଦାଧିକାରୀ, କର୍ପୋରେଟ୍ ନେତା ଏବଂ ଦେଶବ୍ୟାପୀ କ୍ରୀଡ଼ା ବିଶେଷଜ୍ଞମାନେ ଯୋଗ ଦେଇଥିଲେ।

କିଟ୍‌ର ଅନୁକରଣୀୟ କାର୍ଯ୍ୟ ଏବଂ ଭାରତୀୟ କ୍ରୀଡ଼ା ଇକୋସିଷ୍ଟମ ଉପରେ ପରିବର୍ତ୍ତନକାରୀ ପ୍ରଭାବକୁ ସ୍ୱୀକାର କରି ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହା ସହ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଖେଳାଳିମାନଙ୍କ ପାଇଁ ମାନଦଣ୍ଡ ସୁବିଧା ସୃଷ୍ଟି କରିବାରେ ପ୍ରତିଷ୍ଠାନର ନିରନ୍ତର ପ୍ରୟାସ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

କ୍ରୀଡ଼ା କ୍ଷେତ୍ରରେ ନିରନ୍ତର ଉତ୍କର୍ଷତା ପାଇଁ କିଟ୍ ବହୁ ପ୍ରତିଷ୍ଠିତ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଓ ସ୍ୱୀକୃତି ହାସଲ କରିଛି । ବିଶ୍ୱବିଦ୍ୟାଳୟକୁ ୨୦୨୨ ଓ ୨୦୨୫ ଉଭୟରେ ସ୍ପୋର୍ଟଷ୍ଟାର ଆସେସ୍ ପୁରସ୍କାରରେ 'କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍ତମ ବିଶ୍ୱବିଦ୍ୟାଳୟ' ଭାବରେ ବିବେଚିତ କରାଯାଇଥିଲା। ସେହିପରି କ୍ରୀଡ଼ା ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍‌କୁ ୨୦୨୨ରେ ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ମିଳିଥିଲା। ଏହା ବ୍ୟତୀତ କିଟ୍‌କୁ ସିଆଇଆଇ କ୍ରୀଡ଼ା ବିଜିନେସ୍ ଆୱାର୍ଡ ୨୦୨୩ରେ 'ଶ୍ରେଷ୍ଠ କ୍ରୀଡା ସୁବିଧା' ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ କ୍ରୀଡ଼ା ଇକୋସିଷ୍ଟମରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ୨୦୨୨ରେ କିଟ୍‌କୁ ଫିକି ଇଣ୍ଡିଆ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା

## ଏସଆଇ ପରୀକ୍ଷା କେଲେଙ୍କାରୀ ରିମାଣ୍ଡରେ ଗଲା ଅଭିଯୁକ୍ତ ନୀତିଶ କୁମାର

**ଭୁବନେଶ୍ୱର, ୧୦।୧୨**
**ନ୍ୟୁଜ୍‌ବ୍ୟୁରୋ**

ପୋଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣା ବିହାରରୁ ଗିରଫ ଅଭିଯୁକ୍ତ ନୀତିଶ କୁମାରଙ୍କୁ ସିବିଆଇ ବୁଧବାର ଦିନ ଭୁବନେଶ୍ୱର କୋର୍ଟରେ ହାଜର କରିଛି। କୋର୍ଟରେ ହାଜର ପରେ ସିବିଆଇ ନୀତିଶକୁ ୨ ଦିନ ରିମାଣ୍ଡରେ ନେଇଛି। ୫ ଦିନ ରିମାଣ୍ଡରେ ନେବା ପାଇଁ ସ୍ୱତନ୍ତ୍ର ସିବିଆଇକୋର୍ଟଙ୍କ ନିକଟରେ ଆବେଦନ କରିଥିଲା। ଦୁଇ ଦିନ ରିମାଣ୍ଡ ପାଇଁ ନେବାକୁ କୋର୍ଟ ଅନୁମତି ଦେଇଛନ୍ତି। ସେହିପରି ଘଟଣାରେ ଗିରଫ ଅନ୍ୟ ୪ ଅଭିଯୁକ୍ତ ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲକୁ ଗୁରୁବାର ଠାରୁ ରିମାଣ୍ଡରେ ନେଇ ପଚରା ଉଚରା କରିବା ପାଇଁ ସିବିଆଇକୁ କୋର୍ଟ ଅନୁମତି ଦେଇଛନ୍ତି।



ଭୁବନେଶ୍ୱର : ଏଲାଇଟ ଫାଉଣ୍ଡେସନ୍ ତରଫରୁ ପୂଜ୍ୟ ସ୍ୱାମୀ ଅଭିରାମ ସରସ୍ୱତୀଙ୍କୁ ଆଧ୍ୟାତ୍ମିକ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ 'ଧର୍ମ ଯୋଦ୍ଧା-୨୦୨୫' ସମ୍ମାନ ଦ୍ୱାରା ସମ୍ମାନିତ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ବିଏସଏଫ ପକ୍ଷରୁ କମ୍ବିଂ ଅପରେସନ ବେଳେ ବିପୁଳ ମାଓ ସାମଗ୍ରୀ ଜବତ




**ବାଲିଗୁଡ଼ା, ୧୦।୧୨**
**ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ୧୩୬ ବିଏସଏଫ ଯବାନମାନେ କମ୍ବିଂ ଅପରେସନ କରୁଥିବା ବେଳେ ଏକ ବଡ଼ଧରଣର ମାଓ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଛନ୍ତି। ସୂଚନା ଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସଲାଗୁଡ଼ା ପଞ୍ଚାୟତ ସିକିଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ଗୁଇନ୍ଦା ସୂଚନା ପାଇବା ପରେ ବିଏସଏଫ ଯବାନମାନେ କମ୍ବିଂ ଅପରେଶନକୁ ଜୋରଦାର କରିଥିଲେ। ଏହି କମ୍ବିଂ ଅପରେଶନ ବେଳେ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଆଇଇଡି ବିସ୍ଫୋରକ ବିଛାଇଥିଲେ। କିନ୍ତୁ ମାଓବାଦୀଙ୍କ ଏହି ଯୋଜନାକୁ ବିଏସଏଫ ୧୩୬ ବାଟାଲିୟନ ପଣ୍ଡ କରି ଥିବା ଜଣାପଡ଼ିଛି। ଜଙ୍ଗଲରୁ ୧୮ଟି ଜିଲାଟିନ, ୧୭ଟି ବ୍ୟାଟେରୀ, ଗୋଟିଏ ସୋଲାର ପ୍ଲେଟ, ୮ଟି ଡିଟୋନେଟର, ୧୨ ମିଟର ଫିଉଜ ତାର, ୧୫ ମିଟର ବିଦ୍ୟୁତ୍ ତାର, ୯ଟି ତୀକ୍ଷ୍ଣ ଲୁହା ଛଡ଼, ୨ କୁରାଢ଼ି, ପାଣି ବୋତଲ, କେନ, ଜୋତା, ପଲିଥିନ ଆଦି ସାମଗ୍ରୀ ଜବତ ପରେ ସମଗ୍ର କନ୍ଧମାଳ ଜିଲାକୁ ମାଓ ମୁକ୍ତ କରିବାକୁ ଘଞ୍ଚ ଜଙ୍ଗଲ ଗୁଡିକରେ ଜୋରଦାର ଅପରେସନ ଚାଲିଥିବା ବିଷୟ ବିଏସଏଫ ପକ୍ଷରୁ ସୂଚନା ମିଳିଛି।



ଭୁବନେଶ୍ୱର : ଜାଡ଼ରେ ଥରୁଛି ସାରା ଓଡ଼ିଶା। ଭୁବନେଶ୍ୱର ରାଜରାସ୍ତା କଡ଼ରେ ନିଆଁ ପୁଉଁଛନ୍ତି ପିଲାମାନେ। (ଫଟୋ : ସମ୍ବାଦ କଳିକା)

# ଆର୍ଥିକ ସହଭାଗିତା ପାଇଁ ଓପିଟିସିଏଲ ଓ ନାବାର୍ଡ ମଧ୍ୟରେ ଏମଓୟୁ

**ଭୁବନେଶ୍ୱର, ୧୦।୧୨**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଓପିଟିସିଏଲ ଏବଂ ନାବାର୍ଡ ମଧ୍ୟରେ ଏକ ଦୀର୍ଘକାଳୀନ ଋଣ ଚୁକ୍ତିନାମା ସ୍ୱାକ୍ଷରିତ ଲୋକସେବା ଭବନରେ ହୋଇଛି। ଏହି ରଣନୈତିକ ଆର୍ଥିକ ସହଭାଗିତା ରାଜ୍ୟର ଆଗାମୀ ଶିଳ୍ପ ପ୍ରକଳ୍ପ ଓ ଗ୍ରାହକମାନଙ୍କ ପାଇଁ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ଏହି ବୁଝାମଣା ପତ୍ର ଅନୁଯାୟୀ, ନାବାର୍ଡ ବାର୍ଷିକ ୭.୭୫% ଆକର୍ଷଣୀୟ ସୁଧ ହାରରେ ଓପିଟିସିଏଲକୁ ୧,୬୮୫.୨୭ କୋଟି ଟଙ୍କା ଋଣ ପ୍ରଦାନ କରିଛି। ମୋଟ ଋଣ ପରିମାଣରୁ, ୯୦୦ କୋଟି ଟଙ୍କା ନୂତନ ବିଦ୍ୟୁତ ପରିବହନ ପ୍ରକଳ୍ପ ପାଇଁ ବ୍ୟବହୃତ ହେବ, ବଳକା ପରିମାଣ ପୂର୍ବରୁ ହୋଇଥିବା ଉଚ୍ଚ-ମୂଲ୍ୟଯୁକ୍ତ ଋଣକୁ ସ୍ୱିଚ୍ କରିବା ପାଇଁ ବ୍ୟବହୃତ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ କୌଣସି ରାଜ୍ୟ ପିଏସୟୁକୁ ନାବାର୍ଡ ଦ୍ୱାରା ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ବିକାଶର ଧାରା ସୃଷ୍ଟି କରିବ।

ବୁଝାମଣାପତ୍ର ସ୍ୱାକ୍ଷରିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଓପିଟିସିଏଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଯୋଗ ଦେଇ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ।

# ୧୨ ଯାଏ ଥରିବ ଓଡ଼ିଶା : ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର, ୧୦।୧୨**
**ନ୍ୟୁଜ୍‌ବ୍ୟୁରୋ**

ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଓଡ଼ିଶା। ଶୀତର ଲହରୀ ଜାରି ରହିଥିବାବେଳେ ଆହୁରି ୩ଦିନ ଯାଏଁ ଶୀତ କଲବଲ କରିବ। ଡିସେମ୍ବର ୧୨ ଯାଏଁ ପ୍ରବଳ ଶୀତର ସମ୍ଭାବନା ଥିବାବେଳେ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଶୀତ ଲହରୀ ବା କୋଲ୍ଡ ୱେଭ୍ ଜାରି କରାଯାଇଛି। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ୧୨ ତାରିଖ ଯାଏଁ ଶୀତ ଲହରୀ ଜାରି ରହିବ। ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ଝାରସୁଗୁଡା, ଅନୁଗୁଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟ ୭ଟି ଜିଲାକୁ କୋଲ୍ଡ ୱେଭ୍ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରାଜ୍ୟରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବାବେଳେ ଆସନ୍ତା ୭ ଦିନ ଦିନ ଯାଏଁ ପାଗ ଶୁଖିଲା ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ରାଜ୍ୟରେ ଗତ ୨୪ଘଣ୍ଟାରେ ହେଲା ପାଗ ଶଖିଲା ରହିଛି। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ୧୨ ଯାଏ ଶୀତ ଲହରୀ ଜାରି ରହିବ। ସେହିପରି ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଥିବାବେଳେ ଆହୁରି ୪୮ ଘଣ୍ଟା ପର୍ଯ୍ୟନ୍ତ ଏଭଳି ପ୍ରଭାବ ରହିବ।

# ୭୩,୧୮୧ ବୋତଲ ନିଶାଦ୍ରବ୍ୟ ମିଶ୍ରିତ କଫ ସିରପ୍ ଜବତ : ୧୮୧ ଗିରଫ

**ଭୁବନେଶ୍ୱର, ୧୦।୧୨**
**ନ୍ୟୁଜ୍‌ବ୍ୟୁରୋ**

ବେଆଇନ କଫ୍ ସିରପ ଚୋରା ଚାଲାଣ ଓ ବ୍ୟବସାୟ ରୋକିବା ପାଇଁ ଓଡ଼ିଶା ପୋଲିସ କଠୋର ପଦକ୍ଷେପ ଗ୍ରହଣ କରୁଛି। ବିଗତ କିଛି ଦିନ ମଧ୍ୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କରାଯାଇ ବିପୁଳ ପରିମାଣର କଫ୍ ସିରପ ଜବତ ସହିତ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ମୋଟ ୬୧ଟି ମାମଲା ରୁଜୁ କରାଯିବା ସହ ମୋଟ ୭୩,୧୮୧ ବୋତଲ ନିଶାଦ୍ରବ୍ୟ ମିଶ୍ରିତ କଫ ସିରପ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୧୮୧ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏସଟିଏଫ୍, ଭୁବନେଶ୍ୱର ସର୍ବାଧିକ ୨୬,୬୫୮ ବୋତଲ କଫ ସିରପ୍ ଜବତ କରି ଏହି ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ସେହିପରି ସମ୍ବଲପୁର ଜିଲ୍ଲା ପୋଲିସ ୧୩ଟି ମାମଲା ରୁଜୁ କରାଯାଇ ଥିବା ବେଳେ ୧୯,୯୦୮ ବୋତଲ କଫ ସିରପ ଜବତ କରାଯାଇଛି। ବରଗଡ଼ ଜିଲ୍ଲା ପୋଲିସ ୧୭ଟି ମାମଲା ଓ ୧୨,୮୫୬ ବୋତଲ, ବଲାଙ୍ଗୀର ୧୨ଟି ମାମଲା ଓ ୫,୪୬୮ ବୋତଲ, ସୁବର୍ଣ୍ଣପୁର ଜିଲ୍ଲାରେ ୬ଟି ମାମଲା ଓ ୪୫୧ ବୋତଲ, ବୌଦ୍ଧ ଜିଲ୍ଲାରେ ୪ଟି ମାମଲା ସହିତ ୧୮୮୬ ବୋତଲ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୩ଟି ମାମଲା ସହିତ ୫୯୫ ବୋତଲ କଫ ସିରପ ଜବତ କରାଯାଇଛି।

ସମ୍ବଲପୁର ଜିଲ୍ଲା ପୋଲିସ ୬୬ ଜଣଙ୍କୁ ଗିରଫ କରିଥିବା ବେଳେ ବରଗଡ଼ ପୋଲିସ ୬୪, ବଲାଙ୍ଗୀର ପୋଲିସ ୨୩, ସୁବର୍ଣ୍ଣପୁର ପୋଲିସ ୭ ଜଣ, ସୁନ୍ଦରଗଡ ୬ ଜଣ ଏବଂ କେଉଁଝର ଜିଲ୍ଲାରେ ୬ ଜଣଙ୍କୁ ଗିରଫ କରାଯାଇଛି, ଯାହା ନିଶା କାରବାର ନେଟୱର୍କକୁ ଭାଙ୍ଗିବାରେ ପୋଲିସର ତତ୍ପରତାକୁ ଦର୍ଶାଉଛି।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଜିଲ୍ଲା ଏବଂ ସ୍ୱତନ୍ତ୍ର ଟାସ୍କ ଫୋର୍ସର ଏହି ସଫଳତାକୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହିପରି ଅଭିଯାନ ଜାରି ରହିବା ସହ ନିଶା ବ୍ୟବସାୟୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

# ମୋଦି-ରାହୁଲଙ୍କ ମଧ୍ୟରେ ଅଚାନକ ୮୮ ମିନିଟ୍ ଧରି ଚାଲିଲା ବୈଠକ

**ନୂଆଦିଲ୍ଲୀ, ୧୦।୧୨**

ସଂସଦର ଶୀତକାଳୀନ ଅଧିବେଶନ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ଏକ ଅଚାନକ ୮୮ ମିନିଟ୍ ଧରି ବୈଠକ ହୋଇଥିଲା, ଯାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମୁଖ୍ୟ ସୂଚନା କମିଶନର ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ପ୍ରାର୍ଥୀ ଚୟନ ଉପରେ ଆଲୋଚନା କରିବାକୁ ଦୁହିଁଙ୍କର ବୈଠକ ହେବାର ଥିଲା। ତେବେ ଏତେ ଲମ୍ବା ସମୟ ଧରି ଆଲୋଚନା ଚାଲିବା ଅନେକ କଳ୍ପନାଜଳ୍ପନା ସୃଷ୍ଟି କରିଛି। ରାହୁଲ ଗାନ୍ଧୀ ଅପରାହ୍ଣ ୧ଟାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଲୋଚନାରେ କେବଳ ମୁଖ୍ୟ ସୂଚନା କମିଶନର ନୁହଁନ୍ତି, ବରଂ ଆଠ ଜଣ ସୂଚନା କମିଶନର ଏବଂ ଜଣେ ଭିଜିଲାନ୍ସ କମିଶନରଙ୍କ ନିଯୁକ୍ତି ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ବରିଷ୍ଠ କେନ୍ଦ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଉପସ୍ଥିତ ଥିଲେ। ବୈଠକରୁ ବାହାରିବା ପରେ ଜଣାପଡିଛି ଯେ ରାହୁଲ ଗାନ୍ଧୀ ସମସ୍ତ ନିଯୁକ୍ତି ଉପରେ ନିଜର ଆପତ୍ତି ପ୍ରକାଶ କରିବା ସହ ଲିଖିତ ଭାବେ ଏହାକୁ ଦାଖଲ କରିଛନ୍ତି। ବର୍ତ୍ତମାନ କେନ୍ଦ୍ରୀୟ ସୂଚନା କମିଶନରେ ମୁଖ୍ୟ ସୂଚନା କମିଶନରଙ୍କ ସମେତ ୮ଟି ପଦବୀ ଖାଲି ପଡ଼ିଛି। ପୂର୍ବତନ ମୁଖ୍ୟ ସୂଚନା କମିଶନର ହୀରାଲାଲ ସାମରିଆ ସେପ୍ଟେମ୍ବର ୧୩ରେ ଅବସର ନେବା ପରେ ଏହି ପଦ ଖାଲି ରହିଛି।

# ୨୩ ଲକ୍ଷ ପୁରସ୍କାର ଘୋଷିତ : ୪ କୁଖ୍ୟାତ ମାଓବାଦୀ ସମେତ ୧୧ଜଣଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୦।୧୨:ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ଜିଲ୍ଲା କାଙ୍କେର ପୁଲିସ ବୁଧବାର ମାଓ ବିରୋଧୀ ଅଭିଯାନ କ୍ରମରେ ବଡ଼ ସଫଳତା ହାସଲ କରିଛି। ଜିଲ୍ଲା ମୁଖ୍ୟାଳୟରେ ୨୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ୪ ଜଣ ମାଓବାଦୀ ସୁରକ୍ଷା ବାହିନୀଙ୍କୁ ଅସ୍ତ୍ର ସମର୍ପଣ କରିଛନ୍ତି। ମହାରାଷ୍ଟ୍ରର ଗଡ଼ଚିରୋଲିରେ ମଧ୍ୟ ୮୨ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୭ ଜଣ ମାଓବାଦୀ ସୁରକ୍ଷାବଳର ସାମ୍ନାରେ ଆତ୍ମସମର୍ପଣ କରିଛନ୍ତି। ଏହା ହେଉଛି ମାଓ ଦମନ ନୀତିର ଏକ ପ୍ରମୁଖ ଅଂଶବିଶେଷ। ଦିନକୁ ଦିନ ମାଓ ସଂଗଠନ ଦୁର୍ବଳ ହେଉଛି। ମାଓବାଦୀମାନେ ସଶସ୍ତ୍ର ସହିତ ପୁଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଅମାନିଆ ମାଓବାଦୀଙ୍କ ବିରୋଧରେ ସୁରକ୍ଷାବାହିନୀ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଫଳରେ ମାଓବାଦୀମାନେ ନିପାତ ହେଉଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦେଶରୁ ନକ୍ସଲବାଦ ଶେଷ କରିବା ପାଇଁ ୨୦୨୬ ମାର୍ଚ୍ଚକୁ ଅନ୍ତିମ ସମୟ ଦେଇଛନ୍ତି, ଯେଉଁଥିରେ ୪ମାସରୁ କମ୍ ସମୟ ଅଛି।